Free Digital Copy From ServeNow

# ଅନୁତାପ, ଭଗ୍ନତା ଏବଂ କ୍ଷମା

ବିଷୟରେ ଆପଣ ଜାଣିବାକୁ ଆବଶ୍ୟକ କରୁଥିବା ମୌଳିକ ବିଷୟ ଗୁଡିକ

ଲାର୍ସ ବି. ଡନବର୍ଗ

ServeNow

Free Digital Copy From ServeNow

# ଅନୁତାପ, ଭଗ୍ନତା ଏବଂ କ୍ଷମା  ବିଷୟରେ ଆପଣ ଜାଣିବାକୁ ଆବଶ୍ୟକ କରୁଥିବା ମୌଳିକ ବିଷୟ ଗୁଡିକ

***The Basic Things You Need to Know About Repentance , Brokenness and Forgiveness*** *(Odia)*

By: Lars B. Dunberg

Copyright © 2019 by *ServeNow*.
Used by permission.
All rights reserved.

ISBN :  978-1-964796-38-3

Scripture taken from the HOLY BIBLE, Odia Version,
Copyright © Bible Society of India. Used by Permission

Published by *ServeNow*,
1817 Austin Bluffs Parkway #110,
Colorado Springs, CO 80918, USA.

Free Digital Copy From Servelow

## ପରିଚୟ

ଏହି ପୁସ୍ତିକାରେ ଆମେ ଖ୍ରୀଷ୍ଟିୟାନ ଜୀବନ ନିମନ୍ତେ ତିନୋଟି ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଉପରେ ଦୃଷ୍ଟିପାତ କରିବା: ଅନୁତାପ , ଭଗ୍ନତା ଏବଂ କ୍ଷମା । ଏସବୁ ଶବ୍ଦ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ପରସ୍ପର ସହ ଜଡ଼ିତ ।

## ଅନୁତାପ

ମାଥିଉ ୪ ଅଧ୍ୟାୟ ୧୭ ପଦରେ ଆମେ ଯୀଶୁଙ୍କ ପ୍ରାରମ୍ଭିକ ସେବା ବିଷୟରେ ପଢ଼ିଥାଉ। *ସେହି ସମୟରୁ ଯୀଶୁ ପ୍ରଚାର କରି କହିବାକୁ ଆରମ୍ଭ କଲେ, ମନ ପରିବର୍ତ୍ତନ କର,କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ* ।

ଯୀଶୁ ଦେଇଥିବା ପ୍ରଥମ ନିର୍ଦ୍ଦେଶକୁ ଅନୁସରଣ କରିବା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ? ସେ ନିଶ୍ଚିତ ଭାବରେ ଏହାର ଗୁରୁତ୍ୱକୁ ବିବେଚନା କରିଥିବେ ଯେ ଏହାକୁ ତାହାଙ୍କ ସାର୍ବଜନୀନ ସେବାକାର୍ଯ୍ୟରେ ଉଲ୍ଲେଖ କରାଯାଇଥିବା ପ୍ରଥମ ବାକ୍ୟ ଭାବରେ ଉଲ୍ଲେଖ କରାଯାଇଛି ।

ଗାଲିଲୀରେ ସେହି ପ୍ରଥମ ବାର୍ତ୍ତା ପ୍ରତି ଆମର ପ୍ରତିକ୍ରିୟା ହେଉଛି ଯୀଶୁଙ୍କ କ୍ରୁଶରେ ମୃତ୍ୟୁଭୋଗ କରିବାର ଏକ ପ୍ରମୁଖ କାରଣ । ଯଦି ମୁଁ ତାଙ୍କ ନିର୍ଦ୍ଦେଶ ପାଳନ କରୁନାହିଁ, ଯଦି ମୋ' ଜୀବନରେ ଅନୁତାପ ନାହିଁ, ତେବେ ମୋତେ ତାଙ୍କର କାହିଁକି ଆବଶ୍ୟକତା ଅଛି? ଯଦି ମୋ'ର ପ୍ରକୃତରେ ତାହାଙ୍କର ଆବଶ୍ୟକତା ନାହିଁ, ତେବେ ତାହାଙ୍କ ମୃତ୍ୟୁ ଏବଂ ପୁନରୁତ୍ଥାନ ମୋ' ପାଇଁ ସମ୍ପୂର୍ଣ୍ଣ ଅର୍ଥହୀନ ।

କିଛି ଲୋକଙ୍କ ପାଇଁ ଅନୁତାପ କରିବା ଯୀଶୁ ପ୍ରଦାନ କରିଥିବା ସବୁଠାରୁ ଏକ କଷ୍ଟକର ଆଜ୍ଞା ଅଟେ। ତାଙ୍କ ଉପରେ ବିଶ୍ୱାସ କରିବା ଏତେ କଷ୍ଟକର ହୋଇ ନ ପାରେ, ସେହି ବିଶ୍ୱାସର ଫଳସ୍ୱରୂପ ବାପ୍ତିସ୍ମ ନେବା ଅନୁଭବ କରିବା ଅସମ୍ଭବ ନୁହେଁ, ମାତ୍ର ଅନୁତାପ - ଆପଣ କେଉଁଠାରୁ ଆରମ୍ଭ କରନ୍ତି?

ଅଧିକାଂଶ ଲୋକ ଭାବନ୍ତି ଯେ  ଅନୁତାପ ଶବ୍ଦର ଅର୍ଥ ହେଉଛି "ଆପଣଙ୍କ କାର୍ଯ୍ୟକୁ ତାହାଙ୍କ ନିକଟକୁ ଆଣିବା" କିମ୍ବା "ଧର୍ମ ପ୍ରାପ୍ତ ହେବା"। ଅନୁତାପ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ଦୃଷ୍ଟିକୋଣ ଗ୍ରହଣ କରିବା ଆବଶ୍ୟକ **- ଜୀବନକୁ ପରମେଶ୍ୱରଙ୍କ ଦୃଷ୍ଟିରେ ଦେଖିବା** ।  ଈଶ୍ୱର କେବଳ ଆମକୁ **ଫେରିବାକୁ** କୁହନ୍ତି । ଯେତେବେଳେ ଆମେ ଏହା କରିଥାଉ, କିଛି ଫଳାଫଳର ପ୍ରତିଜ୍ଞା ଦିଆଯାଇଛି । ଯଦି ଆମେ ଏହା କରୁନାହୁଁ, ତେବେ ବିକଳ୍ପ ଫଳାଫଳ ପ୍ରତିଜ୍ଞା ଦିଆଯାଇଛି।

ଯେତେବେଳେ ନୂତନ ନିୟମରେ ଅନୁତାପ କରିବା ବିଷୟରେ କୁହାଯାଇଛି, ଏହାର ଅର୍ଥ ହେଉଛି "ପଶ୍ଚାତ୍ତାପ କରିବା, ନିଜ ପ୍ରତି ଅନୁତାପ କରିବା" । ପ୍ରକୃତ ଅନୁତାପ ଶବ୍ଦର ଅର୍ଥ ହେଉଛି "ପରବର୍ତ୍ତୀ ଚିନ୍ତାଧାରା, ମନର ପରିବର୍ତ୍ତନ", ଏବଂ ପାପ କିମ୍ବା ମନ୍ଦରୁ ଅନୁତାପକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ ।

Free Digital Copy From ServeHow

ବାଇବଲର ଅନେକ ଅଂଶ ଅଛି ଯେଉଁଥିରେ ଆମକୁ ଏକ ନୂତନ ଜୀବନ ଯାପନ କରିବା ପାଇଁ ମାର୍ଗଦର୍ଶନ କରିବା ବିଷୟରେ କୁହାଯାଇଛି । ଏଠାରେ ଯୀଶୁ ଆମକୁ କିଛି ପ୍ରତ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି।

*ଏଣୁ ମନ ପରିବର୍ତ୍ତନର ଉପଯୁକ୍ତ ଫଳ ଉତ୍ପନ୍ନ କର; ପୁଣି, ଅବ୍ରହାମ ଆମ୍ଭମାନଙ୍କର ପିତା, ମନେ ମନେ ସୁଦ୍ଧା ଏପରି କୁହ ନାହିଁ; କାରଣ ମୁଁ ତ ତୁମ୍ଭମାନଙ୍କୁ କହୁଅଛି, ଈଶ୍ୱର ଏହି ପଥରଗୁଡ଼ାକରୁ ଅବ୍ରହାମଙ୍କ ନିମନ୍ତେ ସନ୍ତାନ ଉତ୍ପନ୍ନ କରି ପାରନ୍ତି* (ଲୂକ ୩:୮)।

ପାଉଲ ଏଫିସୀର ପ୍ରାଚୀନଗଣଙ୍କୁ ତାଙ୍କର ବିଦାୟୀ ସମ୍ଭାଷଣ ଦେଉଥିବା ବେଳେ ସେ ଏହି ପ୍ରସଙ୍ଗ ଉପରେ ଧ୍ୟାନ ଦେଇ କହିଲେ, *ଶିକ୍ଷା ଦେବାକୁ ସଙ୍କୁଚିତ ନ ହୋଇ ଈଶ୍ୱରଙ୍କ ପ୍ରତି ମନ ପରିବର୍ତ୍ତନ, ପୁଣି ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ପ୍ରତି ବିଶ୍ୱାସ ବିଷୟରେ ଯିହୁଦୀ ଓ ଗ୍ରୀକ୍ମାନଙ୍କ ନିକଟରେ ସାକ୍ଷ୍ୟ ଦେଉଥିଲି ତାହା ତୁମ୍ଭେମାନେ ଜାଣ* (ପ୍ରେରିତ ୨୦:୨୧)।

ପାଉଲ ଯୀଶୁଙ୍କ ଅନୁଗାମୀ ହେବାର ଅର୍ଥ କ'ଣ ତାହା କହୁଛନ୍ତି। ଏହା ମଣ୍ଡଳୀର ମିଶନ ଥିଲା ଏବଂ ଏବେ ବି ରହିଛି! *କିନ୍ତୁ ପ୍ରଥମେ ଦାମାସ୍କସ୍ ର ଓ ଯିରୂଶାଲମର ଲୋକମାନଙ୍କ ନିକଟରେ, ପରେ ଯିହୁଦା ପ୍ରଦେଶର ସମସ୍ତ ଅଞ୍ଚଳରେ, ପୁଣି ବିଜାତିମାନଙ୍କ ନିକଟରେ ମଧ୍ୟ ପ୍ରଚାର କରିବାକୁ ଲାଗିଲି, ଯେପରି ସେମାନେ ମନ ପରିବର୍ତ୍ତନ କରି ଈଶ୍ୱରଙ୍କ ପ୍ରତି ଫେରିଆସନ୍ତି ଓ ମନ ପରିବର୍ତ୍ତନର ଉପଯୁକ୍ତ କାର୍ଯ୍ୟ କରନ୍ତି* (ପ୍ରେରିତ *୨୬:୨୦*)।

ନୂତନ ନିୟମ ପ୍ରେରିତ ପୁସ୍ତକରେ ଏବଂ ଆଦ୍ୟ ମଣ୍ଡଳୀ ଗୁଡ଼ିକୁ ଲେଖା ଯାଇଥିବା ପତ୍ର ଗୁଡ଼ିକରେ ଅନୁତାପ ବିଷୟରେ ଅଧିକ ବର୍ଣ୍ଣନା କରାଯାଇଛି: *ଏହି ସମସ୍ତ କଥା ଶୁଣିବାରୁ ସେମାନେ ନିରୁତ୍ତର ହେଲେ ଓ ଈଶ୍ୱରଙ୍କର ପ୍ରଶଂସା କରି କହିଲେ, ତେବେ ଈଶ୍ୱର ବିଜାତିମାନଙ୍କୁ ମଧ୍ୟ ଜୀବନପ୍ରାପ୍ତି ନିମନ୍ତେ ମନ ପରିବର୍ତ୍ତନ ଦାନ କରିଅଛନ୍ତି (ପ୍ରେରିତ ୧୧:୧୮)* ।

*କିମ୍ବା ଈଶ୍ୱରଙ୍କ କୃପା ଯେ ତୁମ୍ଭକୁ ମନପରିବର୍ତ୍ତନ ଆଡ଼କୁ ଘେନିଯିବାକୁ ଚେଷ୍ଟା କରେ, ଏହା ନ ଜାଣି ତୁମ୍ଭେ କି ତାହାଙ୍କର କୃପା, ଧୈର୍ଯ୍ୟ ଓ ଚିରସହିଷ୍ଣୁତାରୂପ ଧନସବୁ ତୁଚ୍ଛ କରୁଅଛ? (ରୋମୀୟ ୨:୪)*

## ପରମେଶ୍ୱରଙ୍କ ନିର୍ଦ୍ଦେଶକୁ ଅନୁସରଣ କରିବାର ଅର୍ଥ କ'ଣ

ମାଥିଉ ୪:୧୭ରେ ଯୀଶୁଙ୍କ  ଅନୁତାପ ପାଇଁ କରାଯାଇଥିବା ଆହ୍ୱାନ ପୁରାତନ ନିୟମ ସଦୃଶ ସମଗ୍ର ଜାତିପାଇଁ ନୁହେଁ, ବରଂ ବ୍ୟକ୍ତିବିଶେଷ ପ୍ରତି ଉଦ୍ଦିଷ୍ଟ। ଏହା ଆପଣଙ୍କ ଏବଂ ମୋ ସହିତ ସମ୍ବନ୍ଧିତ!

## ଅନୁତାପ, ଭଗ୍ନତା ଏବଂ କ୍ଷମା  ବିଷୟରେ ଆପଣ ଜାଣିବାକୁ ଆବଶ୍ୟକ କରୁଥିବା ମୌଳିକ ବିଷୟ ଗୁଡିକ

Free Digital Copy From Servelow

ଯୀଶୁ ସେହି ଅପବ୍ୟୟୀ ପୁତ୍ରର କାହାଣୀ କୁହନ୍ତି ଯିଏ ଘରେ ସର୍ବୋତ୍ତମ ସ୍ଥାନରେ ସବୁଠାରୁ ଖରାପ ପ୍ରାର୍ଥନା କରିଥିଲେ: "ମୋତେ ଦିଅ, ମୋତେ ଦିଅ, ମୋତେ ଦିଅ! ବର୍ଷ ବର୍ଷ ଧରି ନିଜ ଉତ୍ତରାଧିକାରର ଅପବ୍ୟବହାର କରିବା ପରେ ସେ ଘୁଷୁରିମାନଙ୍କର ଯତ୍ନ ନେଲାଏବଂ ଖାଇବାକୁ ନ ପାଇ ସେମାନେ ଖାଉଥିବା ଖାଦ୍ୟ ଖାଇଲା ।  ଘୁଷୁରି ମାନଙ୍କ ରହିବାର  ସବୁଠାରୁ ଖରାପ ସ୍ଥାନରେ ସେ  ଶ୍ରେଷ୍ଠ ପ୍ରାର୍ଥନା କଲା, "ମୁଁ ଯୋଗ୍ୟ ନୁହେଁ। ଏହା ଥିଲା ଅନୁତାପର ପ୍ରକୃତ ପ୍ରାର୍ଥନା, ଫଳସ୍ୱରୂପ ତାହାର  ପିତା ତାକୁ ଘରକୁ ସ୍ୱାଗତ କରିଥିଲେ, ଯେମିତି ଆମର ସ୍ୱର୍ଗୀୟ ପିତା ଅନୁତାପ କରିବା ସମୟରେ ଆମକୁ ସ୍ୱାଗତ କରନ୍ତି ।

ବିଶ୍ୱାସ, *ଅନୁତାପ ଏବଂ ବିଶ୍ୱାସ* ସହିତ ମିଶି ବ୍ୟକ୍ତିଗତ ଦୁଃଖ ଏବଂ ପାପ ଉପରେ ଭଗ୍ନତା । ଯେତେବେଳେ ଏହାକୁ ଏକାକୀ ବ୍ୟବହାର କରାଯାଏ, ତେବେ ଅପବ୍ୟୟୀ ପୁତ୍ର ଏବଂ ହଜିଲା ମୁଦ୍ରାର ଦୃଷ୍ଟାନ୍ତ ପରି ପାପ ଉପରେ ଦୁଃଖ ଏବଂ ପାପକ୍ଷମା ଉପରେ ବିଶ୍ୱାସ ସଦୃଶ ।

*ମୁଁ ତୁମ୍ଭମାନଙ୍କୁ କହୁଅଛି, ସେହି ପ୍ରକାରେ ଯେଉଁମାନଙ୍କର ମନ ପରିବର୍ତ୍ତନ କରିବାର ପ୍ରୟୋଜନ ନାହିଁ, ଏପରି ଅନେଶ୍ୱତ ଧାର୍ମିକ ଲୋକମାନଙ୍କ ଅପେକ୍ଷା, ଯେ ମନ ପରିବର୍ତ୍ତନ କରେ, ଏପରି ଜଣେ ପାପୀର ନିମନ୍ତେ ସ୍ୱର୍ଗରେ ଅଧିକ ଆନନ୍ଦ ହେବ (ଲୂକ ୧୫:୭)*।

ଏକ ଦୁଃଖପୂର୍ଣ୍ଣ ଭଗ୍ନତା ଅନୁତାପ ଆଣିଥାଏ ଏବଂ ମୁକ୍ତି ଦିଏ । *କାରଣ ଈଶ୍ୱରଙ୍କ ଇଚ୍ଛାନୁସାରେ ଯେଉଁ ଦୁଃଖ, ତାହା ପରିତ୍ରାଣ ନିମନ୍ତେ ଏପରି ମନପରିବର୍ତ୍ତନ ଜନ୍ମାଏ, ଯାହା ସକାଶେ ଅନୁତାପ କରିବାକୁ ପଡ଼େ ନାହିଁ; ମାତ୍ର ସାଂସାରିକ ଦୁଃଖ ମୃତ୍ୟୁ ଜନ୍ମାଏ* (୨ କରିନ୍ଥୀୟ ୭:୧୦)।

ସଂସାରିକ ଦୁଃଖ ହେଉଛି ପରମେଶ୍ୱରଙ୍କ ନିୟମ ଉଲ୍ଲଂଘନ ପାଇଁ ତାଙ୍କ ଦଣ୍ଡର ଭୟର ପରିଣାମ, ଏବଂ ଧର୍ମପରିବର୍ତ୍ତନ ପୂର୍ବରୁ ଲୋକମାନଙ୍କ ମଧ୍ୟରେ ସେହି ପ୍ରକାର ଦୁଃଖ ଦେଖିବାକୁ ମିଳେ । ଅପର ପକ୍ଷରେ କେବଳ ବିଶ୍ୱାସୀମାନଙ୍କ ମଧ୍ୟରେ ମିଳୁଥିବା ଦୁଃଖ ଏକ ଦୈନନ୍ଦିନ ଅନୁତାପ ଏବଂ ପବିତ୍ରୀକରଣ  ଏବଂ ପବିତ୍ରତା ଅଭିମୁଖେ ଯାତ୍ରାର ଏକ ଅଂଶ ଅଟେ । ଦଣ୍ଡ ଭୟରେ ନୁହେଁ ବରଂ ଈଶ୍ୱରଙ୍କ ପ୍ରେମରେ ସେସବୁର ପ୍ରତିଷ୍ଠା ହୋଇଛି । ପରମେଶ୍ୱରଙ୍କ ସନ୍ତାନମାନେ ତାଙ୍କ ବିରୁଦ୍ଧରେ କାର୍ଯ୍ୟ କରିବା, ତାଙ୍କୁ ସେମାନଙ୍କ ପାପରେ ଅସନ୍ତୁଷ୍ଟ କରିବା ପାଇଁ ଭାଙ୍ଗି ପଡ଼ିଛନ୍ତି। ସେମାନେ ଦୁଃଖିତ ଯେ ସେମାନଙ୍କର ପାପ ସେମାନଙ୍କର ମୁକ୍ତିଦାତାଙ୍କୁ ପ୍ରତ୍ୟାଖ୍ୟାନ କରିଛି, ଯିଏ କି ସେମାନଙ୍କ ନିମନ୍ତେ ପ୍ରାୟଶ୍ଚିତ ସ୍ୱରୂପେ ଆପଣା ଜୀବନ ଦେଇଛନ୍ତି, ଯେପରି କି ୧ ତୀମଥି ୨:୬ ରେ କୁହାଯାଇଛି: ... *ସେ ସମସ୍ତଙ୍କ ମୁକ୍ତିର ମୂଲ୍ୟ ସ୍ୱରୂପେ ଆପଣାକୁ ଦାନ କରି ଯଥା ସମୟରେ ସେଥିର ସାକ୍ଷ୍ୟ ଦେଇ ଅଛନ୍ତି*।

ଅନୁତାପ ବିନା କେହି ଈଶ୍ୱରଙ୍କ ସହ ଓ ତାଙ୍କ ପାଇଁ ଜୀବନ ଯାପନ କରିପାରିବେ ନାହିଁ । *ତେବେ, ଆମ୍ଭେମାନେ ଈଶ୍ୱରଙ୍କର ବଂଶ ହେବାରୁ ଈଶ୍ୱରଙ୍କ ସ୍ୱରୂପକୁ ମନୁଷ୍ୟର ଶିଳ୍ପ ଓ କଳ୍ପନା ଅନୁସାରେ ଖୋଦିତ*

Free Digital Copy From ServeHow

*ସ୍ୱର୍ଣ୍ଣ କି ରୌପ୍ୟ କି ପ୍ରସ୍ତର ତୁଲ୍ୟ ଜ୍ଞାନ କରିବା ଆମ୍ଭମାନଙ୍କର ଉଚିତ ନୁହେଁ। ଈଶ୍ୱର ସେହି ଅଜ୍ଞାନତାର କାଳ ଉପେକ୍ଷା କରିଅଛନ୍ତି ସତ୍ୟ, କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନ ପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି* (ପ୍ରେରିତ ୧୭:୨୯-୩୦) ।

ଈଶ୍ୱର ଚାହାଁନ୍ତି ଯେ ତାଙ୍କ ବିନା କେହି ଅନନ୍ତକାଳ ବିତାଇବେ ନାହିଁ । ସେଥିପାଇଁ ଆମ ନିମନ୍ତେ ସେ ଏତେ ଧୈର୍ଯ୍ୟଶୀଳ ଅଟନ୍ତି  ! *ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି, ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘସହିଷ୍ଣୁ ଅଟନ୍ତି* (୨ ପିତର ୩:୯)।

ପଶ୍ଚାତାପ କେବଳ ମିଛ କହିବା କିମ୍ବା ଠକେଇ କିମ୍ବା ଚୋରି କରିବା ଭଳି ପାପପୂର୍ଣ୍ଣ କାର୍ଯ୍ୟ ସବୁ ବନ୍ଦ କରିବା ବିଷୟ ନୁହେଁ । କେବଳ ସେହି ସମସ୍ତ କାର୍ଯ୍ୟରେ ଆପଣ ଦୁଃଖିତ ହେବା ବିଷୟ ନୁହେଁ। ଏହା ଏମିତି କିଛି ନୁହେଁ ଯାହାକୁ ଆପଣ ନିଜେ କରିପାରିବେ, ନିଜକୁ ଉଠାଇ ଉନ୍ନତି କରିପାରିବେ ।

ବରଂ ଅନୁତାପ ହେଉଛି ମନର ପରିବର୍ତ୍ତନ ବା ଈଶ୍ୱର ପରାୟଣତାର ଦୁଃଖ ଓ ଈଶ୍ୱରଙ୍କ ଉତ୍ତମତାରେ ପରିପୂର୍ଣ୍ଣ ହେବା । ଯୀଶୁ ଜଣେ ପିତାଙ୍କ ଦୁଇ ପୁତ୍ରଙ୍କ ବିଷୟରେ ଯେଉଁ କାହାଣୀ କହିଥିଲେ ସେଥିରେ ପ୍ରକାଶିତ ଏକ ପରିବର୍ତ୍ତିତ ଜୀବନ ଯାହାକୁ ସେ ତାଙ୍କ ପାଇଁ କାର୍ଯ୍ୟ କରିବାକୁ କହିଥିଲେ । *ସେ ଉତ୍ତର ଦେଲା, ମୋର ଇଚ୍ଛା ନାହିଁ, କିନ୍ତୁ ପରେ ଅନୁତାପ କରି ଗଲା* (ମାଥିଉ ୨୧:୨୯)।

## ଅନୁତାପ କରିବା ନିମନ୍ତେ ପରମେଶ୍ୱର ବ୍ୟବହାର କରୁଥିବା ଉପକରଣ: ପରମେଶ୍ୱରଙ୍କ ବାକ୍ୟ ଏବଂ ତାହାଙ୍କ ଆତ୍ମାଙ୍କ ଶକ୍ତି

*ସଦାପ୍ରଭୁଙ୍କୁ କ'ଣ ସନ୍ତୁଷ୍ଟ  କରେ ତାହା ଜାଣିବାକୁ ଆବିଷ୍କାର କରିବା ପାଇଁ* ଏଫିସୀୟ ୫:୧୦ ଆମକୁ ଉତ୍ସାହିତ କରେ । ପରବର୍ତ୍ତୀ ସମୟରେ ପାଉଲ ଏଫିସୀୟମାନଙ୍କୁ ପୁନର୍ବାର ଲେଖିଲେ, *ଅତଏବ ଅଜ୍ଞାନ ପରି ନ ହୋଇ ଜ୍ଞାନୀ ପରି ନିଜ ନିଜ ଆଚରଣ ସମ୍ବନ୍ଧରେ ବିଶେଷ ସାବଧାନ ହୁଅ, ପୁଣି, ସୁଯୋଗର ସଦ୍ବ୍ୟବହାର କର, କାରଣ କାଳ ମନ୍ଦ ଅଟେ। ଏଣୁ ନିର୍ବୋଧ ନ ହୋଇ ପ୍ରଭୁଙ୍କର ଇଚ୍ଛା କଅଣ, ତାହା ବୁଝ* (ଏଫିସୀୟ ୫:୧୫-୧୭ )।

ମନ ପରିବର୍ତ୍ତନ କରିବାର ମାର୍ଗ ଅନ୍ୱେଷଣ କରିବା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ନୁହେଁ । ମୂଳତଃ, ଇତିହାସର ପ୍ରାରମ୍ଭରେ ମାନବଜାତିର ପତନ ପରଠାରୁ ଆମର ଆଉ ସେମିତି  କିଛି ଅଭାବ ନାହିଁ ।

Free Digital Copy From ServeNow

ଏହା ଅବିଶ୍ୱସନୀୟ ଯେ ଆମେ ନିଜ ଜୀବନରେ ଥିବା ଦ୍ୱନ୍ଦ୍ୱକୁ ନେଇ ଆମ ସହିତ କରାଯାଇଥିବା କାର୍ଯ୍ୟ, ଆମର ଦୁଃଖ, ବେଦନା ଏବଂ ନିରାଶା ହେତୁ ସହଜରେ କ୍ରନ୍ଦନ କରିଥାଉ । ଆମେ ସବୁବେଳେ ନିଜକୁ ଠିକ୍ ଭାବିଥାଉ, ନିଜ ଜୀବନକୁ ନେଇ କ୍ରନ୍ଦନ କରିବା ଆବଶ୍ୟକ ବୋଲି ଭୁଲି ଯାଇଥାଉ।

ନିଜ ଭିତରେ ଆମେ ଆତ୍ମକୈନ୍ଦ୍ରିକ ଓ ଆତ୍ମଧାର୍ମିକ । ଆମେ ନିଜ ଅପେକ୍ଷା ଅନ୍ୟକୁ ଦୋଷ ଦେବାକୁ ପସନ୍ଦ କରୁ । ସେଠାରେ ଏପରିକି ଏପରି ସମୟ ଆସିଛି ଯେତେବେଳେ ଆମେ ଈଶ୍ୱରଙ୍କୁ ଦୋଷ ଦେଇଥାଉ କାରଣ ଆମେ କେବଳ ତାଙ୍କର ମାର୍ଗ ବୁଝି ପାରି ନ ଥାଉ ।

ପ୍ରଥମତଃ, ଆମକୁ ଅନୁଭବ କରିବାକୁ ହେବ ଯେ ଆମେ ମନ ପରିବର୍ତ୍ତନର ଅନୁଭବ କରିନାହୁଁ । ଦ୍ୱିତୀୟତଃ, ଆମେ ନିଜେ ଏହାକୁ ଉତ୍ପାଦନ କରିପାରିବା ନାହିଁ। ତୃତୀୟତଃ, ଆମେ ପବିତ୍ର ଆତ୍ମାଙ୍କୁ ଆମ ସହିତ କଥା ହେବାକୁ ନିବେଦନ କରିବା ଆବଶ୍ୟକ। ସେ ହେଉଛନ୍ତି ପିତାଙ୍କ ଆତ୍ମା। ସେ ହେଉଛନ୍ତି ଯୀଶୁଙ୍କ ଆତ୍ମା। ତାଙ୍କୁ ଭୟ କରିବାର ଆବଶ୍ୟକତା ନାହିଁ । ସେ ଆମର ହୃଦୟକୁ କୋମଳ ଏବଂ ଭଗ୍ନତାରେ ପରିଣତ କରିବେ, ଯାହା ଆମକୁ ନିଜ ପାପ ପାଇଁ କ୍ରନ୍ଦନ କରିବାକୁ ସକ୍ଷମ କରିବ । ଏହା ହେଉଛି ଆମ ଜୀବନରେ କାମ କରୁଥିବା ଈଶ୍ୱରଙ୍କ ଅନୁଗ୍ରହ ।

ଯୀଶୁ କ୍ରୁଶରେ ଆମ ପାଇଁ ଏ ସମସ୍ତ ବିଷୟ କରିଛନ୍ତି! କିଛି ସମୟ ବିତାନ୍ତୁ ଏବଂ ନିଜ ଜୀବନକୁ ସମ୍ପୂର୍ଣ୍ଣ ସଙ୍କୋଚତାର ସହ ସମୀକ୍ଷା କରନ୍ତୁ। ପବିତ୍ର ଆତ୍ମା ଆପଣଙ୍କ ସହିତ ସେହି ବିଷୟ ଗୁଡ଼ିକ ବିଷୟରେ କଥା କୁହନ୍ତୁ ଯାହା ବିଷୟରେ ଆପଣ ଭାବୁଛନ୍ତି ଯାହା କେବଳ ଆପଣ ହିଁ ଜାଣନ୍ତି । ସେ ଜାଣିଛନ୍ତି! ଏହା ପରେ ଆଉ କିଛି ସମୟ ନୂତନ ନିୟମରେ ବର୍ଣ୍ଣିତ କାଲବରୀ (ଗଲଗଥା) କାହାଣୀ ପଢ଼ିବାରେ ବିତାନ୍ତୁ ଏବଂ ଅନୁଭବ କରନ୍ତୁ ଯେ ସେ ଆପଣଙ୍କ ପାଇଁ ମୃତ୍ୟୁଭୋଗ କରିଛନ୍ତି ଆପଣଙ୍କୁ ମୁକ୍ତ କରିଛନ୍ତି - ସେହି ସବୁ ବିଷୟ ଯାହା ଆପଣଙ୍କୁ ଗଭୀର ଭାବରେ ବ୍ୟଥିତ କରେ । ଏହା ଆପଣଙ୍କ ମଧ୍ୟରେ ଥିବା ଗୁପ୍ତ କୋଠରୀ ମଧ୍ୟରୁ ପୃଷ୍ଠକୁ ଆସିବାକୁ ଦିଅନ୍ତୁ । ଏହା ପରେ ଏହାଠାରୁ ଦୂରେଇ ଯାଇ ଆପଣଙ୍କ ପାଇଁ କ୍ରୁଶାର୍ପିତ  ଯୀଶୁଙ୍କ ପାଖକୁ ଫେରି ଆସନ୍ତୁ । ହଠାତ୍ ଆପଣ ଦୁଃଖିତ ମନ ଆନନ୍ଦିତ ମନରେ ପରିଣତ ହେବ । ଏହା ସମାପ୍ତ ହୋଇଛି! ସେ ଆପଣଙ୍କୁ ମୁକ୍ତ କରିଛନ୍ତି!

## ପରମେଶ୍ୱରଙ୍କ ନିର୍ଦ୍ଦେଶ ପାଳନ କରିବାର ଫଳାଫଳ

ମନପରିବର୍ତ୍ତନ ଦ୍ୱାରା ବ୍ୟାପକ ପରିବର୍ତ୍ତନ ଆସିଥାଏ । ଉଦାହରଣ ସ୍ୱରୂପ, ଖ୍ରୀଷ୍ଟଙ୍କୁ କ୍ରୁଶରେ ଚଢ଼ାଇଥିବା କିଛି ଲୋକ ଖ୍ରୀଷ୍ଟିୟାନ ହୋଇଥିଲେ ପୁଣି ପରବର୍ତ୍ତୀ ସମୟରେ କ୍ରୁଶାର୍ପିତଙ୍କର ଉପାସନା ଏବଂ ସେବା କରିଥିଲେ! ପେଣ୍ଟିକଷ୍ଟ ଦିନ ଯେତେବେଳେ ସେମାନେ ମନ ପରିବର୍ତ୍ତନର ବକ୍ତୃତା ଶୁଣିଲେ, ସେମାନେ ବିଶ୍ୱାସରେ ନିଜ ପାପରୁ ଖ୍ରୀଷ୍ଟଙ୍କ ଆଡକୁ ଫେରିଲେ ଏବଂ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।

Free Digital Copy from Servelow

ଶାଉଲ, ଯିଏ କି ଖ୍ରୀଷ୍ଟିୟାନମାନଙ୍କୁ ତାଡନା କରୁଥିଲେ ଏବଂ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହତ୍ୟା କରିବା ସୁନିଶ୍ଚିତ କରିଥିଲେ, ପାଉଲ ନାମରେ ପରିଚିତ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ଦାସ ହେଲେ। ତାଙ୍କୁ କ'ଣ ପରିବର୍ତ୍ତନ କଲା ? ସେ ମନପରିବର୍ତ୍ତନ କଲେ ।

ପାଉଲ ଏବଂ ଶୀଲାଙ୍କ ଦାୟିତ୍ୱରେ ଥିବା ଫିଲିପ୍ପୀୟ କାରାରକ୍ଷକ  ଜେଲର ଜଣେ ମୂର୍ତ୍ତିପୂଜକ ଥିଲେ। ମଧ୍ୟରାତ୍ରିରେ ଜେଲରେ ଭୂମିକମ୍ପ ହେବା ପରେ କଏଦୀମାନଙ୍କୁ ମୁକ୍ତ କରିବା ପରେ ତାଙ୍କ ହୃଦୟ ବଦଳିଯାଇଥିଲା। ମନପରିବର୍ତ୍ତନର ଭୟଙ୍କର ପରିଣାମ ସେ ତାଙ୍କ ଜୀବନରେ ଅନୁଭବ କରିଥିଲେ ।

ମୁଁ ସେହି ମଦ୍ୟପ ନାବିକଙ୍କୁ ମନେ ପକାଉଛି ଯିଏ କି ମୁଁ ଯେଉଁ ମଣ୍ଡଳୀରେ ବୃଦ୍ଧି ପ୍ରାପ୍ତ ହୋଇଥିଲି, ସେଠାରେ ସେବା କରିବାକୁ ଆସୁଥିଲେ । ପୂର୍ବରୁ ସେ ସେବାରେ ବାଧା ସୃଷ୍ଟି କରୁଥିଲେ। ଏହା ଗ୍ରହଣୀୟ ହେବାର ବହୁ ପୂର୍ବରୁ ତାଙ୍କ ବାହୁ ଟାଟୁରେ ଭରି ଯାଇଥିଲା। ସେ ଅଶାଳୀନ ଥିଲେ ଏବଂ ଅନେକ ସମୟରେ ତାଙ୍କ ଶରୀର ଦୁର୍ଗନ୍ଧ ହେଉଥିଲା । କିନ୍ତୁ ଦିନେ ପରମେଶ୍ୱରଙ୍କ ଆତ୍ମା ତାଙ୍କୁ ସ୍ପର୍ଶ କଲେ। ସେ ତାଙ୍କର ପୁରୁଣା ଜୀବନଶୈଳୀକୁ ସମ୍ପୂର୍ଣ୍ଣ ବିଦାୟ ଦେଲେ (ସେ ମନପରିବର୍ତ୍ତନ କଲେ) ଏବଂ ଖ୍ରୀଷ୍ଟଙ୍କ ପ୍ରତି ଫେରିଲେ ।

ମନପରିବର୍ତ୍ତନ  କରିବା ଦ୍ୱାରା ଆଜି ବ୍ୟକ୍ତି ବିଶେଷଙ୍କ ଜୀବନରେ ମଧ୍ୟ ପରିବର୍ତ୍ତନ ଆସିବ । ଯଦି ଆପଣ ଅଭ୍ୟାସଗତ ମିଥ୍ୟାବାଦୀ ଅଟନ୍ତି, ତେବେ ଆପଣ ହଠାତ୍ ସତ କହିବାକୁ ପସନ୍ଦ କରିବେ କାରଣ ସତ୍ୟର ପୁରୁଷ ଆପଣଙ୍କୁ ବଦଳାଇ ଦେଇଛନ୍ତି । ଯଦି ଆପଣ କେବଳ ଛୋଟ ଛୋଟ ବିଷୟ ମଧ୍ୟ ଚୋରି କରନ୍ତି, ତେବେ ଆପଣ ଆପଣଙ୍କ ପାଖରେ ଥିବା ସବୁ ବିଷୟକୁ ବଦଳାଇବାକୁ ଚାହିଁବେ ଯାହା ପ୍ରକୃତରେ ଆପଣଙ୍କର ନୁହେଁ, ସାମଗ୍ରୀ ହେଉ କି ଆର୍ଥିକ ବିଷୟ - ଏପରିକି କର ଆଦାୟକାରୀଙ୍କୁ ମଧ୍ୟ! ଏକ ବୃକ୍ଷ ଡାଳର ଉହାଡରୁ ତଳକୁ ଯୀଶୁଙ୍କୁ ଚାହିଁ ରହିଥିବା କର ଆଦାୟକାରୀ  ଜକ୍ୱିୟଙ୍କ କଥା ମନେ ପକାନ୍ତୁ। ସେ ଲୋକଙ୍କଠାରୁ ଅନ୍ୟାୟରେ ଆଦାୟ କରିଥିବା ଅର୍ଥକୁ ଚାରିଗୁଣରେ  ଫେରାଇ ଦେବାକୁ ସ୍ଥିର କରିଥିଲେ। ଏହା ହେଉଛି ମନପରିବର୍ତ୍ତନର ଫଳାଫଳ ।

ଯେତେବେଳେ ପବିତ୍ର ଆତ୍ମା ଦୋଷୀ ସାବ୍ୟସ୍ତ କରନ୍ତି, ସେତେବେଳେ ଆପଣଙ୍କ ପାଇଁ ପାପ ସ୍ପଷ୍ଟ ହୋଇଯାଏ। ଯେତେବେଳେ ମନପରିବର୍ତ୍ତନ ପ୍ରକୃତରେ ଅନୁଭବ କରାଯାଏ, ଆପଣ ଆଉ କହିବେ ନାହିଁ, "ଯଦି ମୁଁ ପାପ କରିଛି" କିମ୍ବା "ମୁଁ ଦୁଃଖିତ ମୁଁ ପାପ କରିଥିଲି କିନ୍ତୁ ଏହା ମଜାଦାର ନ ଥିଲା!" ମନପରିବର୍ତ୍ତନ ଆମ ଜୀବନର ପ୍ରତ୍ୟେକ ଅଂଶକୁ ପ୍ରଭାବିତ କରିଥାଏ ଏବଂ କରିପାରେ । ପ୍ରକୃତରେ ଆପଣଙ୍କୁ ଏପରି ଜଣେ ବ୍ୟକ୍ତିରେ ପରିଣତ କରେ ଯିଏ ପରମେଶ୍ୱରଙ୍କ ବାକ୍ୟ ଗ୍ରହଣ କରେ ଏବଂ ପ୍ରେମ କରେ ଏବଂ ଯେ କୌଣସି ମୂଲ୍ୟରେ ଏହାକୁ ପାଳନ କରେ ।

Free Digital Copy From Servelow

ମନପରିବର୍ତ୍ତନ କରିବାରେ ମନ କିମ୍ବା ଇଚ୍ଛାର ପରିବର୍ତ୍ତନ ଅନ୍ତର୍ଭୁକ୍ତ । ଈଶ୍ୱର  ଆମ ଚିନ୍ତାଧାରାକୁ ପ୍ରଭାବିତ କରନ୍ତି ଓ ନିୟନ୍ତ୍ରଣ କରନ୍ତି । *ଆମ୍ଭେମାନେ ତର୍କବିତର୍କସବୁ ଓ ଈଶ୍ୱରଙ୍କ ଜ୍ଞାନ ବିରୁଦ୍ଧରେ ଉତ୍ଥିତ ସମସ୍ତ ଉଚ୍ଚ ବିଷୟ ଭୂମିସାତ୍ କରୁ, ପୁଣି ପ୍ରତ୍ୟେକ କଳ୍ପନାକୁ ଖ୍ରୀଷ୍ଟଙ୍କ ବାଧ୍ୟ ହେବା ନିମନ୍ତେ ବନ୍ଦୀ କରୁ* (୨ କରିନ୍ଥୀୟ ୧୦:୫)।

ଯୀଶୁଙ୍କ ପ୍ରଥମ ନିର୍ଦ୍ଦେଶକୁ ଅନୁସରଣ କରିବା ଏବଂ ପ୍ରତିଦିନ ମନ, ମାର୍ଗ ଏବଂ ହୃଦୟର ପରିବର୍ତ୍ତନ ଅନୁଭବ କରିବା କେତେ ଆନନ୍ଦଦାୟକ ।

## ମନପରିବର୍ତ୍ତନର ଫଳ

## ଆମେ ନୂତନ ରୁଚି ଗ୍ରହଣ କରୁ

*ଆଉ, ଅନେକେ ସେମାନଙ୍କ କାମୁକତାର ଅନୁଗାମୀ ହେବେ, ଫଳତଃ ଏମାନଙ୍କ ହେତୁ ସତ୍ୟ ମାର୍ଗ ନିନ୍ଦିତ ହେବ* (୧ ପିତର ୨:୨ )।

*ତୁମ୍ଭ ବିଧାନ ଦ୍ୱାରା ମୁଁ ବୁଦ୍ଧି ପ୍ରାପ୍ତ ହୁଏ; ଏଥିପାଇଁ ମୁଁ ପ୍ରତ୍ୟେକ ମିଥ୍ୟାପଥ ଘୃଣା କରେ। ତୁମ୍ଭ ବାକ୍ୟ ମୋ' ଚରଣ ପାଇଁ ପ୍ରଦୀପ ଓ ମୋ' ପଥ ପାଇଁ ଆଲୁଅ ଅଟେ* (ଗୀତ.୧୧୯:୧୦୪-୧୦୫ )।

*ଯେ ଆପଣା ଗୌରବ ଓ ସଦ୍ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛି। ତଦ୍ଦ୍ୱାରା ସେ ଆମ୍ଭମାନଙ୍କୁ* ***ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ*** *ଦାନ କରିଅଛନ୍ତି, ଯେପରି ସେହିସବୁ ଦ୍ୱାରା ତୁମ୍ଭେମାନେ କୁଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛି, ସେଥିରୁ ରକ୍ଷା ପାଇ ଐଶ୍ୱରିକ ସ୍ୱଭାବର, ସହଭାଗୀ ହୁଅ* (୨ ପିତର ୧:୩-୪ )।

## ଆମେ ଏକ ଗମନଶୀଳ ପ୍ରକ୍ରିୟାରେ ଅଂଶଗ୍ରହଣ କରୁ

ଯେତେବେଳେ ଆମେ ପ୍ରଥମେ ଖ୍ରୀଷ୍ଟଙ୍କୁ ପାଇଲୁ, ଆମେ ଏହା ବିଷୟରେ କହିବାକୁ, ଏହା ବିଷୟରେ ଗୀତ ଗାଇବାକୁ ଏବଂ ଏହା ବିଷୟରେ ତାଙ୍କୁ ପ୍ରଶଂସା କରିବାକୁ ଭଲ ପାଉଥିଲୁ । କିନ୍ତୁ ପରବର୍ତ୍ତୀ ସମୟରେ ଆମେ ଏହି ଜଗତରେ ଜୀବନଯାପନ କରିବାରେ ଯତ୍ନଶୀଳ ହେବା ବିଷୟ ନେଇ ପାଗଳ ହୋଇଗଲୁ ।

Free Digital Copy From ServeHow

ବ୍ୟସ୍ତତାର ଆତ୍ମା ଧୀରେ ଧୀରେ " *ତୁମ୍ଭ ତୁଲ୍ୟ ପରମେଶ୍ୱର କିଏ? ତୁମ୍ଭେ ଅଧର୍ମ କ୍ଷମା କରିଥାଅ'*ର  ଆନନ୍ଦକୁ ଶ୍ୱାସରୁଦ୍ଧ କରିଦିଏ ।

ଆମର ପାପ ଓ ଦୁର୍ବଳତାରେ ଛନ୍ଦି ହୋଇ ଆମେ ନିଜ ପ୍ରତି ଯେମିତି ଥିଲୁ ପୁନର୍ବାର ସେମିତି ଗ୍ରହଣ କରିବା ଆରମ୍ଭ କରୁ ।  ଦୈନନ୍ଦିନ ମନପରିବର୍ତ୍ତନ  କିମ୍ବା ଉଦ୍ଧାରକର୍ତ୍ତାଙ୍କ ପରିଷ୍କୃତ କରିବା କାର୍ଯ୍ୟ ବିଷୟରେ ଆମେ କିଛି ଜାଣି ନ ଥିଲୁ । ତେଣୁ, ଏହା ନ ଜାଣି ଆମେ ଖ୍ରୀଷ୍ଟଙ୍କଠାରୁ ଆମକୁ ଦୂରେଇ ନେଉଥିବା ପଥରେ ଆହୁରି ଦୂରକୁ ଚାଲିଗଲୁ।

ଯୀଶୁଙ୍କ ପ୍ରତି ଆମର ଭଲ ପାଇବା ଶିଥିଳ ହୋଇଗଲା। କେବଳ ଯେଉଁମାନେ ଦୁଃଖ ଓ ପ୍ରକୃତ ଖେଦ ମଧ୍ୟରେ ଅଛନ୍ତି ଏବଂ ଯେଉଁମାନଙ୍କୁ କ୍ଷମା ଦିଆଯାଉଛି, ସେମାନେ ହିଁ ଯୀଶୁଙ୍କ ପ୍ରତି ପ୍ରେମର ବହ୍ନିରେ ଉଦ୍ଦୀପିତ ହୋଇଥାନ୍ତି । ଦୈନନ୍ଦିନ ମନପରିବର୍ତ୍ତନ  ବିହୀନ ଜୀବନ ଆଧ୍ୟାତ୍ମିକ ଦୃଷ୍ଟିରୁ ଦୁର୍ବଳ ଅଟେ । ଏହାର କୌଣସି ଆନନ୍ଦ କିମ୍ବା ଶକ୍ତି ନାହିଁ ଏବଂ ଅନେକ ସମୟରେ ଆଧ୍ୟାତ୍ମିକ ଫଳର ଅଭାବ ଥାଏ । ଏଭଳି ଜୀବନରେ ସ୍ୱର୍ଗ "ସନ୍ନିକଟ" ନ ଥାଏ ।

## ପବିତ୍ର ଆତ୍ମା, ମୁଁ ତୁମ ବିନା କିଛି ନୁହେଁ

ବର୍ଷ ବର୍ଷ ଧରି ମୁଁ ଲକ୍ଷ୍ୟ କରିଛି ଯେ ମୋ' ହୃଦୟକୁ କଠୋର ଏବଂ ନିଷ୍ଠୁର ହେବାକୁ ଦେବା କେତେ ସହଜ ।  ଏହା ଦୁଃଖ ସୃଷ୍ଟି କରେ ଯାହାକୁ କେହି ଚିହ୍ନି ପାରନ୍ତି ନାହିଁ । କଠୋର ହୃଦୟ ଆଧ୍ୟାତ୍ମିକ ମୃତ୍ୟୁର କାରଣ ହୋଇଥାଏ! ମୁଁ ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଏ , ମୋର ଜଣେ ଶୁଭଚିନ୍ତକ ଯିଏ ଥରେ ମୋତେ କହିଥିଲେ, "ଲାର୍ସ, ପ୍ରାର୍ଥନା କରି ଦିନ ଆରମ୍ଭ କର, 'ପବିତ୍ର ଆତ୍ମା, ମୁଁ ମୋ' ଜୀବନରେ ଯୀଶୁଙ୍କ ଶକ୍ତି ବିନା କିଛି ନୁହେଁ। ମୋ' ହୃଦୟର ଗଭୀରତା ଭିତରେ ମୋ'ତେ ଦେଖାଅ ଯେ, ତୁମକୁ କ'ଣ ଆଘାତ ଦେଉଛି । ହେ ସଦାପ୍ରଭୁ, ମୁଁ ଏଥିରୁ ନିଜକୁ ମନପରିବର୍ତ୍ତନ କରୁଛି ଏବଂ ତୁମର ଶକ୍ତି ବଳରେ ଏହାକୁ ଠିକ୍ କରିବା ପାଇଁ ଯାହା କରିବାକୁ ପଡ଼ିବ ତାହା କରିବି। ଗୀତରଚକଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଭଗ୍ନ-ଆତ୍ମା ବିଷୟରେ ଏହା ହେଉଛି ପ୍ରଥମ ପଦକ୍ଷେପ । ଏହା କେବଳ ମୋ' ପାଇଁ ନୁହେଁ ବରଂ ସମସ୍ତଙ୍କ ପାଇଁ ଏକ ଦୈନିକ ପ୍ରାର୍ଥନା ହେବା ଆବଶ୍ୟକ ।

Free Digital Copy From Servelow

ଅନୁତାପ ହେଉଛି ଏକମାତ୍ର ଦ୍ଵାର ଯାହା ମାଧ୍ୟମରେ ସୁସମାଚାର ପ୍ରାପ୍ତ ହୁଏ । ହଁ, ଅନୁଗ୍ରହ ଦ୍ଵାରା ହିଁ ପରିତ୍ରାଣ ସାଧିତ ହୋଇଥାଏ, କିନ୍ତୁ ତାଙ୍କ କ୍ଷମା ପାଇବା ପାଇଁ ମନପରିବର୍ତ୍ତନ ହେଉଛି ପରମେଶ୍ୱରଙ୍କ ସର୍ତ୍ତ, ଖ୍ରୀଷ୍ଟଙ୍କଠାରେ ଏକ ସମୃଦ୍ଧ ଜୀବନର ଏକମାତ୍ର ପ୍ରବେଶ ଦ୍ଵାର । ଯେତେବେଳେ ଆପଣ ତାହାଙ୍କର କ୍ଷମା ପ୍ରାପ୍ତ ହେବେ, ଆପଣ ପରିତ୍ରାଣର ପ୍ରକୃତ ଆନନ୍ଦ ପୁଣି ଆପଣଙ୍କ ଜୀବନ ଆଉ କେବେ ବି ଆପଣଙ୍କ ଚାରିପାଖରେ ଥିବା ଅଣ-ଖ୍ରୀଷ୍ଟିଆନଙ୍କ ପରି ଦେଖାଯିବ ନାହିଁ ।

## ଭଗ୍ନତା

### ଭଗ୍ନତାର ପରିଚୟ

ଈଶ୍ୱର ତାଙ୍କର ଉପସ୍ଥିତି ଏବଂ ମହିମା ତାହାଙ୍କ ଲୋକମାନଙ୍କ ନିକଟରେ ପ୍ରକାଶ କରିବାକୁ ଚାହାଁନ୍ତି । ସେ ତାଙ୍କର ପ୍ରେମ ଏବଂ ଆତ୍ମା ଦ୍ଵାରା ଆମ ହୃଦୟକୁ ଭରି ଦେବାକୁ ଚାହାଁନ୍ତି। ସେ ଆମ ଜୀବନର ଶୁଷ୍କ , ତୃଷିତ ଭୂମିରେ ନିଜର ଅନୁଗ୍ରହ ଢାଳି ଦେବାକୁ ଚାହାନ୍ତି । ସେ ଆମ ହୃଦୟରେ ଜଳିଥିବା ପ୍ରଥମ ପ୍ରେମର ବହ୍ନିକୁ ପୁନରୁଦ୍ଧାର କରିବାକୁ ଚାହାନ୍ତି, ଭାଙ୍ଗିଯାଇଥିବା ସମ୍ପର୍କର ସମନ୍ୱୟ କରିବାକୁ ଚାହାନ୍ତି ଏବଂ ମରାମତି ଆବଶ୍ୟକ କରୁଥିବା ଆମ ଜୀବନର ସମସ୍ତ ଅଙ୍ଗକୁ ମୁକ୍ତ କରିବାକୁ ଚାହାନ୍ତି । ଏସବୁ ଭଗ୍ନତା ଏବଂ ନମ୍ରତାର ସହ ଆରମ୍ଭ ହୋଇପାରେ ।

ଭଗ୍ନତା ଦ୍ଵାରା ଆମେ ଏକ ପବିତ୍ର ପରମେଶ୍ୱରଙ୍କ ନିକଟତର ହୋଇପାରିବା । ମନୁଷ୍ୟ ହୃଦୟ ଓ ସମ୍ପର୍କକୁ ଅସୁସ୍ଥ କରିଥିବା ପ୍ରାୟ ପ୍ରତ୍ୟେକ ଅବସ୍ଥା ପାଇଁ ଏହା ଈଶ୍ୱରଙ୍କ ଉପଚାର ଅଟେ । ଆମ ମଧ୍ୟରୁ ଅଧିକାଂଶ ଏକାକୀତ୍ୱ, ଭୟ, ନଷ୍ଟ ହୋଇଥିବା ସମ୍ପର୍କ, ଖୋଲାଖୋଲି ଭାବରେ ଯୋଗାଯୋଗ କରିବାରେ ଦ୍ୱନ୍ଦ, ପରିବାର ମଧ୍ୟରେ ପିଢ଼ିଗତ ମତଭେଦ ଏବଂ ସଂଘର୍ଷ, ଅସମାଧାନ ସଂଘର୍ଷ, ଦୋଷ, ଲଜ୍ଜା, ନିଶା, ଦଙ୍ଗା, ନିଜ ମଧ୍ୟରେ ଥିବା ସଂଘର୍ଷ ସହିତ ସଂଘର୍ଷ କରିଥାଉ । ଏହି ସବୁ ପ୍ରକାର ପ୍ରସଙ୍ଗର ମୂଳ ଗର୍ବରେ ରହିଛି। ସେ ସମସ୍ତ ପ୍ରକୃତ ଭଗ୍ନତା ଏବଂ ନମ୍ରତା ଦ୍ଵାରା ଚୂର୍ଣ୍ଣ ହୋଇପାରେ ।

## ଅନୁତାପ, ଭଗ୍ନତା ଏବଂ କ୍ଷମା ବିଷୟରେ ଆପଣ ଜାଣିବାକୁ ଆବଶ୍ୟକ କରୁଥିବା ମୌଳିକ ବିଷୟ ଗୁଡିକ

Free Digital Copy From Servelow

ଆପଣଙ୍କ ଜୀବନରେ ଈଶ୍ୱରଙ୍କ ଅନୁଗ୍ରହର ନୂତନ ଭାବରେ ପ୍ରୟୋଗର ଆବଶ୍ୟକତା ଅଛି କି? ଆପଣ ପ୍ରଚୁରତାର ଜୀବନକୁ ଅନୁଭବ କରିବାକୁ, ଅଲୌକିକ ପରିସରରେ ଜୀବନଯାପନ କରିବାକୁ ଏବଂ ଆପଣଙ୍କ ଜୀବନରେ ପରମେଶ୍ୱରଙ୍କ ଆତ୍ମାଙ୍କ ମୁକ୍ତ ପ୍ରବାହକୁ ଉପଭୋଗ କରିବାକୁ ଚାହାନ୍ତି କି? ଆପଣ ସ୍ୱାର୍ଥପର ଢାଞ୍ଚାରୁ ମୁକ୍ତ ହେବାକୁ ଚାହାଁନ୍ତି କି ଯାହା ଆପଣଙ୍କ ଯାତ୍ରା ପଥରେ ବାଧା ସୃଷ୍ଟି କରେ ଏବଂ ଆପଣଙ୍କ ସମ୍ପର୍କକୁ ବିଷମୟ କରେ?

ପୁରାତନ ନିୟମର ଭବିଷ୍ୟଦ୍ ବକ୍ତା ଯିରିମୀୟ ବୁଝିପାରିଥିଲେ ଯେ ହୃଦୟ ପରମେଶ୍ୱରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଯଦି ହୃଦୟ ଅସୁସ୍ଥ ହୁଏ ତେବେ ସମଗ୍ର ଶରୀର ଅସୁବିଧାରେ ପଡ଼ିଥାଏ।

ପରମେଶ୍ୱରଙ୍କ ବାକ୍ୟରେ ହୃଦୟ ବିଷୟରେ ୭୦ରୁ ଅଧିକ ସମ୍ବନ୍ଧ ଉଲ୍ଲେଖ ରହିଛି। *ମାତ୍ର ଲୋକମାନଙ୍କର ମନ ଅବାଧ ଓ ପ୍ରତିକୂଳାଚାରୀ; ସେମାନେ ଅବାଧ ହୋଇ ଚାଲି ଯାଇଅଛନ୍ତି* (ଯିରିମୀୟ୫:୨୩) । *ହେ ଯିରୂଶାଲମ, ଉଦ୍ଧାର ପାଇବା ନିମନ୍ତେ ଦୁଷ୍ଟତାରୁ ଆପଣା ହୃଦୟ ଧୁଅ। ତୁମ୍ଭର ମନ୍ଦ କଳ୍ପନାସବୁ କେତେ କାଳ ତୁମ୍ଭ ମଧ୍ୟରେ ବାସ କରିବ* (ଯିରିମୀୟ୪:୧୪)? ଯୀଶୁ ମଧ୍ୟ ଉପଦେଶ ଦେବା ସମୟରେ ସମାନ ଢାଞ୍ଚା ଅନୁସରଣ କଲେ । *ରେ କପଟୀମାନେ, ଯିଶାଇୟ ତୁମ୍ଭମାନଙ୍କ ବିଷୟରେ ଯଥାର୍ଥ ରୂପେ ଏହି ଭାବବାଣୀ କହିଅଛନ୍ତି, ଏହି ଜାତି ମୁଖରେ ଆମ୍ଭକୁ ସମାଦର କରନ୍ତି, କିନ୍ତୁ ସେମାନଙ୍କ ହୃଦୟ ଆମ୍ଭଠାରୁ ଦୂରରେ ଥାଏ। ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକୁ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି* (ମାଥିଉ ୧୫:୭-୯ )।

ସୁସମାଚାରର ସୁସମ୍ବାଦ ହେଉଛି ଯେ ଯୀଶୁ ଆମର ପ୍ରତାରିତ, ଅସୁସ୍ଥ ହୃଦୟର ଏକ ଉପଚାର ଉପଲବ୍ଧ କରାଇଛନ୍ତି। ତାଙ୍କର ମୃତ୍ୟୁ ଏବଂ ପୁନରୁତ୍ଥାନ ମାଧ୍ୟମରେ ସେ ଭବିଷ୍ୟଦ୍ ବକ୍ତା ଯିହିଜିକଲ ଲେଖିଥିବା କଥା ପୂର୍ଣ୍ଣ କରିଛନ୍ତି ।ଯିହିଜିକଲ ଲେଖିଛନ୍ତି:*ପୁଣି, ଆମ୍ଭେ ତୁମ୍ଭମାନଙ୍କ ଉପରେ ଶୁଚି ଜଳ ସିଞ୍ଚିବା, ତହିଁରେ ତୁମ୍ଭେମାନେ ଶୁଚି ହେବ; ତୁମ୍ଭମାନଙ୍କର ସବୁ ଅଶୌଚରୁ ଓ ତୁମ୍ଭମାନଙ୍କର ସକଳ ପ୍ରତିମାଗଣଠାରୁ ଆମ୍ଭେ ତୁମ୍ଭମାନଙ୍କୁ ଶୁଚି କରିବା। ଆହୁରି, ଆମ୍ଭେ ତୁମ୍ଭମାନଙ୍କୁ ଏକ ନୂତନ ହୃଦୟ ଦେବା ଓ ଆମ୍ଭେ ତୁମ୍ଭମାନଙ୍କ ଅନ୍ତରରେ ଏକ ନୂତନ ଆତ୍ମା ସ୍ଥାପନ କରିବା; ଆଉ, ଆମ୍ଭେ ତୁମ୍ଭମାନଙ୍କ ମାଂସ ମଧ୍ୟରୁ ପ୍ରସ୍ତରମୟ ହୃଦୟ କାଢ଼ି*

Free Digital Copy From Servelow

*ନେବା ଓ ଆମ୍ଭେ ତୁମ୍ଭମାନଙ୍କୁ ମାଂସମୟ ହୃଦୟ ଦେବା। ପୁଣି, ଆମ୍ଭେ ତୁମ୍ଭମାନଙ୍କ ଅନ୍ତରରେ ଆମ୍ଭର ଆତ୍ମା ସ୍ଥାପନ୍ କରିବା ଓ ତୁମ୍ଭମାନଙ୍କୁ ଆମ୍ଭର ବିଧିରୂପ ପଥରେ ଚଳାଇବା, ତହିଁରେ ତୁମ୍ଭେମାନେ ଆମ୍ଭର ଶାସନସକଳ ରକ୍ଷା କରି ପାଳନ କରିବ* (ଯିହିଜିକଲ ୩୬:୨୫-୨୭)।

ମୋର ପ୍ରାରମ୍ଭିକ ସେବାକାର୍ଯ୍ୟ ସମୟରେ, ରୟ ହେସନ୍, , ଯିଏ କି ତାଙ୍କ ମହାସଭା ସେବାକାର୍ଯ୍ୟ ପାଇଁ ବେଶ ଜଣାଶୁଣା ଏବଂ ସର୍ବାଧିକ ବିକ୍ରି ହେଉଥିବା ପୁସ୍ତକ 'କାଲବରୀ ରୋଡ୍' ର  ଲେଖକ, ତାଙ୍କ ପାଖରେ ଥିବା ଲଣ୍ଡନର ଏକ ମଣ୍ଡଳୀରେ ମୋର ଏକ କାର୍ଯ୍ୟାଳୟ ଥିଲା । ଏହି ପୁସ୍ତକରେ ସେ ଲେଖିଛନ୍ତି, "ଭଗ୍ନ ହେବା ହେଉଛି ପୁନରୁଦ୍ଧାରର ଆରମ୍ଭ। ଏହା ଯନ୍ତ୍ରଣାଦାୟକ, ଅପମାନଜନକ, କିନ୍ତୁ ଗମନ କରିବା ନିମନ୍ତେ ଏହା ହିଁ ଏକମାତ୍ର ପଥ ।"

ଏମିତି ଲାଗେ, ଯେ ଈଶ୍ୱର ଉଭୟ ଦୂରରେ ଏବଂ ଆମର ନିକଟବର୍ତ୍ତୀ  ଅଟନ୍ତି: *କାରଣ ଯେ ଅନନ୍ତ କାଳନିବାସୀ, ଯାହାଙ୍କର ନାମ ଧର୍ମମୟ, ସେହି ଉଚ୍ଚ ଓ ଉନ୍ନତ ପୁରୁଷ ଏହି କଥା କହନ୍ତି; ଆମ୍ଭେ ଊର୍ଦ୍ଧ୍ୱ ଓ ପବିତ୍ର ସ୍ଥାନରେ ବାସ କରୁ, ମଧ୍ୟ ନମ୍ର ଲୋକମାନଙ୍କର ଆତ୍ମାକୁ ସଜୀବ ଓ ଚୂର୍ଣ୍ଣମନା ଲୋକମାନଙ୍କର ଅନ୍ତଃକରଣକୁ ସଜୀବ କରିବା ପାଇଁ ଆମ୍ଭେ ଚୂର୍ଣ୍ଣ ଓ ନମ୍ରମନା ଲୋକର ସଙ୍ଗରେ ହେଁ ବାସ କରୁ* (ଯିଶାଇୟ ୫୭ :୧୫)। ଯିଏ ପରମେଶ୍ୱରଙ୍କ ନୟନର ପିତୁଳା ବୋଲି କୁହାଯାଉଥିବା, ରାଜା ଦାଉଦ, ଯେତେବେଳେ ସେ ପରମେଶ୍ୱରଙ୍କ ସମ୍ମୁଖରେ ନିଜକୁ ଭାଙ୍ଗିଲେ, ସେ ଏହି ବାକ୍ୟ ଲେଖିଥିଲେ। *ହେ ପରମେଶ୍ୱର, ମୋ' ଅନ୍ତରରେ ଶୁଚି ଅନ୍ତଃକରଣ ସୃଷ୍ଟି କର ଓ ମୋ' ମଧ୍ୟରେ ସୁସ୍ଥିର ଆତ୍ମା ନୂତନ କର । ତୁମ୍ଭ ଛାମୁରୁ ମୋତେ ଦୂର କର ନାହିଁ ଓ ତୁମ୍ଭ ପବିତ୍ର ଆତ୍ମା ମୋ' ଠାରୁ ନିଅ ନାହିଁ* (ଗୀତ.୫୧:୧୦-୧୧)।

ଆପଣ କେବେ ବି ପରମେଶ୍ୱରଙ୍କ ପୁନରୁଦ୍ଧାର ଅନୁଭବ କରିବେ ନାହିଁ ଯେ ପର୍ଯ୍ୟନ୍ତ ଆପଣ ପ୍ରଥମେ ଭଗ୍ନତା ଅନୁଭବ କରିନାହାନ୍ତି । ୟୁରୋପରେ ପ୍ରସିଦ୍ଧ ଉଦ୍ଦୀପନା ସମୟରେ କେହି ଜଣେ "ହେ ପ୍ରଭୁ, ମୋତେ ନମ୍ର କର" ବୋଲି ଏକ ଖେଦ କ୍ରନ୍ଦନ ସହ ପ୍ରାର୍ଥନାରେ ଚିତ୍କାର  କରୁଥିବା ଶୁଣି ଜଣେ ନେତା 'ୱେଲ୍ସ ଉଦ୍ଦୀପନା' ବୋଲି କହିଲେ  ।

Free Digital Copy from Servelow

*ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ। ହେ ପାପୀମାନେ, ତୁମ୍ଭମାନଙ୍କ ହସ୍ତ ଶୁଚି କର, ପୁଣି ହେ ଦ୍ୱିମନାମାନେ, ତୁମ୍ଭମାନଙ୍କ ହୃଦୟ ଶୁଦ୍ଧ କର। ଖେଦଯୁକ୍ତ ଓ ଶୋକାର୍ତ୍ତ ହୋଇ ରୋଦନ କର; ତୁମ୍ଭମାନଙ୍କ ହାସ୍ୟ ଶୋକରେ ଓ ତୁମ୍ଭମାନଙ୍କ ଆନନ୍ଦ ବିଷାଦରେ ପରିଣତ ହେଉ। ପ୍ରଭୁଙ୍କ ଛାମୁରେ ଆପଣା ଆପଣାକୁ ନତ କର, ତାହାହେଲେ ସେ ତୁମ୍ଭମାନଙ୍କୁ ଉନ୍ନତ କରିବେ* (ଯାକୁବ ୪:୮-୧୦)।

## ଭଗ୍ନତାର ଆବଶ୍ୟକତା

ଭଗ୍ନତା କୌଣସି ଅନୁଭବ କିମ୍ବା ଭାବପ୍ରବଣତା  ନୁହେଁ । ଏଥିପାଇଁ ଆମ ଇଚ୍ଛାର ଚୟନ ଓ କାର୍ଯ୍ୟର ଆବଶ୍ୟକତା ରହିଛି। ଏହା କେବଳ ଏକକାଳୀନ ଅନୁଭୂତି ନୁହେଁ, ବରଂ ଆମ ଜୀବନରେ ଏକ ଜୀବନବ୍ୟାପୀ ପରିବର୍ତ୍ତନ ।

ଭଗ୍ନତା ହେଉଛି ଆମର ନିଜସ୍ୱ ଇଚ୍ଛାକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିବା । ଯେତେବେଳେ ଆମେ ସାଧାରଣତଃ"ନା,ପ୍ରଭୁ!"କହିଥାଉ,ସେତେବେଳେ"ହଁ, ପ୍ରଭୁ" ବୋଲି କହିବା ।

ପୁରାତନ ନିୟମରେ ପ୍ରସ୍ତରମୟ ହୃଦୟକୁ ମାଂସମୟ ହୃଦୟରେ ପରିଣତ କରିବାକୁ ପରାମର୍ଶ ଦେଇ ସ୍ୱଚ୍ଛନ୍ଦ ଆତ୍ମା ଶବ୍ଦ ବ୍ୟବହାର କରାଯାଇଛି । ଈଶ୍ୱର କ'ଣ ଭଗ୍ନ କରିବାକୁ ଚାହୁଁଛନ୍ତି? ଏହା ହେଉଛି ଆମର ନିଜସ୍ୱ ଇଚ୍ଛା।

ଭଗ୍ନତା ଆମକୁ ଈଶ୍ୱରଙ୍କ ଠାରୁ ଆମର ସ୍ୱାଧୀନତା ଛଡ଼ାଇ ନେଉଛି । ଭଗ୍ନତା ହେଉଛି ଆମ ପ୍ରସ୍ତରମୟ ହୃଦୟକୁ ମାଂସମୟ ହୃଦୟ କରିବା ଯାହା ଦ୍ୱାରା ଈଶ୍ୱରଙ୍କ ବୀଜ ପଡି ଫଳ ଧାରଣ କରିପାରିବ । ଏହା ଏକ ଦ୍ୱିପାକ୍ଷିକ ସମ୍ପର୍କ... ପ୍ରଥମେ ପରମେଶ୍ୱର ଏବଂ ଏହା ପରେ ଆମ ସହ ବିଶ୍ୱାସୀଙ୍କ ସହିତ। *କିନ୍ତୁ ସେ ଯେପରି ଜ୍ୟୋତିର୍ନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ* (୧ ଯୋହନ ୧:୭)। ଆମ ଜୀବନ ତାଙ୍କ ପାଇଁ ଉନ୍ମୁକ୍ତ ଅଟେ , କିନ୍ତୁ ଯେଉଁମାନଙ୍କ ସହିତ ଆମେ ଏକତ୍ର  ଅଛୁ, ସେମାନଙ୍କ ପାଇଁ ମଧ୍ୟ ଆଲୋକରେ ଗମନ କରିବା ।

ପୁରାତନ ନିୟମରେ ଶାଉଲ ଓ ଦାଉଦ ନାମକ ଦୁଇ ରାଜାଙ୍କର କାହାଣୀ ରହିଛି। ଦୁହେଁ ପାପୀ ଥିଲେ, ଦୁହେଁ ଗୁରୁତର ଭୁଲ କରିଥିଲେ । କିନ୍ତୁ ଶାଉଲ ଗର୍ବିତ ଥିଲେ  ଏବଂ ନିଜ ଜୀବନରେ ପରମେଶ୍ୱରଙ୍କ ରବ ପ୍ରତି ସମ୍ବେଦନଶୀଳ ନ ଥିବା ବେଳେ ଦାଉଦ ତାଙ୍କ ଜୀବନକୁ ଭଗ୍ନ କରିଥିଲେ ଏବଂ ତାଙ୍କୁ କ୍ଷମା ଏବଂ ପରିଷ୍କୃତ କରିବାକୁ ପରମେଶ୍ୱରଙ୍କ ନିକଟରେ ବିନତି କରିଥିଲେ।

Free Digital Copy From ServeHow

ନୂତନ ନିୟମରେ ଆମେ ଦୁଇଜଣ ବ୍ୟକ୍ତିଙ୍କ ବିଷୟରେ ପଢୁ ଯେଉଁମାନେ ପ୍ରାର୍ଥନା କରିବାକୁ ମନ୍ଦିରକୁ ଯାଇଥିଲେ। ଜଣେ ଫାରୂଶୀ ଓ ଅନ୍ୟ ଜଣକ କରଗ୍ରାହୀ। *ଫାରୂଶୀ ଦଣ୍ଡାୟମାନ ହୋଇ ଆପଣା ନିକଟରେ ଏହି ପ୍ରକାର ପ୍ରାର୍ଥନା କରିବାକୁ ଲାଗିଲା, ହେ ଈଶ୍ୱର, ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଅଛି ଯେ, ମୁଁ ଅନ୍ୟ ସମସ୍ତ ଲୋକଙ୍କ ପରି ଅତ୍ୟାଚାରୀ, ଅଧାର୍ମିକ, ବ୍ୟଭିଚାରୀ କିମ୍ବା ଏହି କରଗ୍ରାହୀ ପରି ସୁଦ୍ଧା ନୁହେଁ; ମୁଁ ସପ୍ତାହରେ ଦୁଇ ଥର ଉପବାସ କରିଥାଏ ଓ ମୋହର ସମସ୍ତ ଆୟର ଦଶମାଂଶ ଦାନ କରିଥାଏ।*

*କିନ୍ତୁ କରଗ୍ରାହୀ ଦୂରରେ ଠିଆ ହୋଇ ସ୍ୱର୍ଗଆଡ଼େ ଊର୍ଦ୍ଧ୍ୱଦୃଷ୍ଟି କରିବାକୁ ସୁଦ୍ଧା ସାହସ କଲା ନାହିଁ, କିନ୍ତୁ ଆପଣା ଛାତିରେ ମାରିହୋଇ କହିବାକୁ ଲାଗିଲା, ହେ ଈଶ୍ୱର, ମୁଁ ପାପୀ, ମୋତେ ଦୟା କର। ମୁଁ ତୁମ୍ଭମାନଙ୍କୁ କହୁଅଛି, ସେ ଲୋକ ନୁହେଁ, ବରଂ ଏହି ଲୋକ ଧାର୍ମିକ ଗଣିତ ହୋଇ ଆପଣା ଗୃହକୁ ଚାଲିଗଲା; କାରଣ ଯେକେହି ଆପଣାକୁ ଉନ୍ନତ ବୋଲି ଦେଖାଏ, ତାହାକୁ ନତ କରାଯିବ, କିନ୍ତୁ ଯେ ଆପଣାକୁ ନତ କରେ, ତାହାକୁ ଉନ୍ନତ କରାଯିବ* (ଲୂକ ୧୮:୧୦-୧୪)।

ବାଇବଲ ଏହି ବିବୃତ୍ତିକୁ ଦୃଢ଼ କରେ: *ଯଦ୍ୟପି ସେ ନିନ୍ଦକମାନଙ୍କୁ ନିନ୍ଦା କରନ୍ତି, ତଥାପି ସେ ନମ୍ର ଲୋକମାନଙ୍କୁ ଅନୁଗ୍ରହ ପ୍ରଦାନ କରନ୍ତି* (ହିତୋପଦେଶ ୩ :୩୪)। *ଯେହେତୁ ସଦାପ୍ରଭୁ ଉଚ୍ଚ ହେଲେ ହେଁ ନୀଚ ଲୋକଙ୍କ ପ୍ରତି ଦୃଷ୍ଟି କରନ୍ତି; ମାତ୍ର ସେ ଗର୍ବୀକି ଦୂରରୁ ଚିହ୍ନନ୍ତି* (ଗୀତ.୧୩୮:୬)।

## ଆପଣଙ୍କ ଜୀବନକୁ ଲାଭ କରିବାର ଏକମାତ୍ର ମାର୍ଗ ହେଉଛି ଏହାକୁ ତ୍ୟାଗ କରିବା

ପ୍ରକୃତ ଉପାସନା ଭଗ୍ନତା ଓ ନମ୍ରତାରୁ ଆରମ୍ଭ ହୋଇଥାଏ । ଆମ ପାପ ପାଇଁ ଶୋକରିବା ମନପରିବର୍ତ୍ତନର ଦିଗକୁ କଡାଇ ନେଇଥାଏ, ଯାହା ଫଳରେ କ୍ଷମା ମିଳିଥାଏ; କ୍ଷମା କରିବା ଦ୍ୱାରା ଈଶ୍ୱରଙ୍କୁ ପ୍ରେମ କରିବା ଏବଂ ତାଙ୍କର ଉପାସନା କରିବାର ସ୍ୱାଧୀନତା ମିଳିଥାଏ । ଏହା ବଦଳରେ, ଯେତେବେଳେ ଆମେ ଅନୁଭବ କରିଥାଉ ଯେ ସେ କିଏ, ସେ ଆମ ପାଇଁ କ'ଣ କରିଛନ୍ତି ଏବଂ ଆମେ  କିପରି ଜୀବନଯାପନ କରୁ ବୋଲି ସେ ଚାହାନ୍ତି, ସେତେବେଳେ ଏହା ଭଗ୍ନତାର ଦିଗକୁ କଢାଇ ନିଏ ।

## ପରମେଶ୍ୱର ଘଟନା , ପୁଣି ଭଗ୍ନ ଲୋକଙ୍କୁ ବ୍ୟବହାର କରନ୍ତି

ପୁରାତନ ନିୟମରେ ଆମେ ଭବିଷ୍ୟଦ୍ ବକ୍ତା ଯିରିମୀୟଙ୍କ ବିଷୟରେ ପଢୁ ଯାହାଙ୍କୁ ପରମେଶ୍ୱର କୁମ୍ଭକାରଙ୍କ ଘରକୁ ଯିବାକୁ କହିଥିଲେ। *ତୁମ୍ଭେ ଉଠି କୁମ୍ଭକାରର ଗୃହକୁ ଯାଅ, ସେଠାରେ ଆମ୍ଭେ ତୁମ୍ଭକୁ ଆପଣା ବାକ୍ୟ ଶୁଣାଇବା। ତେବେ ମୁଁ କୁମ୍ଭକାର ଗୃହକୁ ଗଲି, ଆଉ ଦେଖ, ସେ ଚକ୍ରରେ ଆପଣା କର୍ମ କରୁଥିଲା। କୁମ୍ଭକାର ମୃତ୍ତିକାର ଯେଉଁ ପାତ୍ର ନିର୍ମାଣ କରୁଥିଲା, ତାହା ତାହାର ହସ୍ତରେ ବିଗିଡ଼ି ଯିବାରୁ କୁମ୍ଭକାର ତାହା ନେଇ ଆପଣା ଇଚ୍ଛାନୁସାରେ ଆଉ ଗୋଟିଏ ପାତ୍ର ନିର୍ମାଣ କଲା* (ଯିରିମୀୟ ୧୮:୨-୪)।

Free Digital Copy From Servelow

ନୂତନ ନିୟମରେ ଆମେ ଜଣେ ସ୍ତ୍ରୀ ଲୋକ ବିଷୟରେ ପଢୁ, ଯିଏ ଯୀଶୁଙ୍କୁ ଅଭିଷେକ କରିବାକୁ ଆସିଥିଲେ,  ସେ ଅତି ବହୁମୂଲ୍ୟ ବିଶୁଦ୍ଧ ଜଟାମାଂସୀ ତୈଳ ଆଣିଥିଲେ। ଯୀଶୁଙ୍କୁ ତାଙ୍କର ଅଧିକାର ଦେବା ପାଇଁ ତାଙ୍କୁ ଏହାକୁ ଭାଙ୍ଗି ବାହାର କରିବାକୁ ପଡିଥିଲା ।

ଶତ୍ରୁ ହସ୍ତରେ ସମର୍ପିତ ହେବା ପୂର୍ବ ରାତ୍ରିରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କ ସହିତ ରାତ୍ରଭୋଜ ପାଳନ କରିଥିଲେ। ଭୋଜନ ସମୟରେ ସେ ରୁଟି ନେଇ ତାହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର;

ଏହା ପରେ, ତାଙ୍କୁ କ୍ରୁଶରେ କଣ୍ଟାବିଦ୍ଧ କରାଗଲା, ତାହାଙ୍କ ଶରୀର ଖଣ୍ଡବିଖଣ୍ଡ ହୋଇଥିଲା ପୁଣି ଆମ ପାପ କ୍ଷମା ନିମିତ୍ତ ତାଙ୍କର ରକ୍ତ ବହିଥିଲା ।

## ଭଗ୍ନତା ନିମନ୍ତେ ଈଶ୍ୱରଙ୍କ ପଦକ୍ଷେପ ଏବଂ ଆମର ପ୍ରତିକ୍ରିୟା ଆବଶ୍ୟକ

ପରମେଶ୍ୱର ତାଙ୍କ ବାକ୍ୟ ଏବଂ ତାଙ୍କର ଆତ୍ମା ମାଧ୍ୟମରେ ଆମ୍ଭମାନଙ୍କ ସହିତ କଥା ହୁଅନ୍ତି। ଯେତେବେଳେ ଆତ୍ମା ତାଙ୍କ ବାକ୍ୟକୁ ଆଲୋକିତ କରନ୍ତି, ଏହା ଆମକୁ ଏହାର ଶକ୍ତି ଦ୍ୱାରା ଭଗ୍ନ କରେ । *ସଦାପ୍ରଭୁ କହନ୍ତି, ଆମ୍ଭର ବାକ୍ୟ କି ଅଗ୍ନି ସ୍ୱରୂପ ନୁହେଁ? ଓ ପାଷାଣ ଖଣ୍ଡବିଖଣ୍ଡକାରୀ ହାତୁଡ଼ି ତୁଲ୍ୟ ନୁହେଁ?*(ଯିରିମୀୟ ୨୩:୨୯)

ପରମେଶ୍ୱର ମଧ୍ୟ ଖ୍ରୀଷ୍ଟଙ୍କ ଶରୀରରେ ଥିବା ପରିସ୍ଥିତି ଏବଂ ଲୋକମାନଙ୍କୁ ଆମ ଜୀବନରେ ଭଗ୍ନ କରିବା ନିମିତ୍ତ ବ୍ୟବହାର କରନ୍ତି।  ଈଶ୍ୱର ଆପଣଙ୍କୁ ଭାଙ୍ଗିବା ପାଇଁ ଅପେକ୍ଷା କରନ୍ତୁ  ନାହିଁ; ବରଂ ଆଜି ହିଁ , ଭାଙ୍ଗିବାକୁ କୁହନ୍ତୁ।

*ଅତଏବ, ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ ନତ କର, ଯେପରି ସେ ତୁମ୍ଭମାନଙ୍କୁ ଯଥା-ସମୟରେ ଉନ୍ନତ କରିବେ* (୧ ପିତର ୫:୬) ।

# କ୍ଷମା

## କ୍ଷମା ବିଷୟରେ ବାଇବଲ କ'ଣ ଶିକ୍ଷା ଦିଏ

ଈଶ୍ୱର ଅନୁଗ୍ରହ ପୂର୍ଣ୍ଣ ଏବଂ ଦୟାଳୁ ଅଟନ୍ତି । ଯେଉଁମାନେ ମନଫେରଣ କରନ୍ତି ଏବଂ ନିର୍ମଳ ହୃଦୟ ପାଇଁ ତାଙ୍କ ପାଖକୁ ଆସନ୍ତି ସେମାନଙ୍କ ପାପକୁ ସେ କ୍ଷମା କରନ୍ତି । ସର୍ବଦା ଏକ ନୂତନ ଆରମ୍ଭର ସୁଯୋଗ ରହିଥାଏ।

Free Digital Copy From Servelow

*ମୁଁ ତୁମ୍ଭ ନିକଟରେ ଆପଣା ପାପ ସ୍ୱୀକାର କଲି ଓ ଆପଣା ଅଧର୍ମ ଲୁଚାଇଲି ନାହିଁ; ମୁଁ କହିଲି, ମୁଁ ସଦାପ୍ରଭୁଙ୍କ ନିକଟରେ ଆପଣା ଅପରାଧ ସ୍ୱୀକାର କରିବି; ତହିଁରେ ତୁମ୍ଭେ ମୋହର ପାପଘଟିତ ଅଧର୍ମ କ୍ଷମା କଲ* (ଗୀତ ୩୨:୫)।

*ହେ ଆମ୍ଭମାନଙ୍କ ପରିତ୍ରାଣର ପରମେଶ୍ୱର, ତୁମ୍ଭ ନାମର ଗୌରବ ସକାଶେ ଆମ୍ଭମାନଙ୍କର ସାହାଯ୍ୟ କର ଓ ଆପଣା ନାମ ସକାଶେ ଆମ୍ଭମାନଙ୍କୁ ଉଦ୍ଧାର କର ଓ ଆମ୍ଭମାନଙ୍କ ପାପସବୁ ମାର୍ଜନା କର* (ଗୀତ.୭୯:୯)।

*ମାତ୍ର ତୁମ୍ଭଙ୍କୁ ଯେପରି ଭୟ କରାଯାଏ, ଏଥିପାଇଁ ତୁମ୍ଭଠାରେ କ୍ଷମା ଅଛି* (ଗୀତ.୧୩୦:୪)।

*ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମା କର। ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ମନ୍ଦରୁ ରକ୍ଷା କର। [ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର । ଆମେନ୍ ।*

*କାରଣ ଯେବେ ଲୋକମାନଙ୍କର ଅପରାଧସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ; କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନ କର, ତେବେ ତୁମ୍ଭମାନଙ୍କ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧସବୁ କ୍ଷମା କରିବେ ନାହିଁ* (ମାଥିଉ୬:୧୨-୧୫) ।

*କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି, ଏ ମୋହର ସେହି ରକ୍ତ* (ମାଥିଉ ୨୬:୨୮)।

*ପୁଣି, ବିଚାର କର ନାହିଁ, ତାହାହେଲେ ତୁମ୍ଭେମାନେ ବିଚାରିତ ହେବ ନାହିଁ; ଦୋଷୀ କର ନାହିଁ, ତାହାହେଲେ ତୁମ୍ଭେମାନେ ଦୋଷୀକୃତ ହେବ ନାହିଁ। କ୍ଷମା କର, ତାହାହେଲେ ତୁମ୍ଭମାନଙ୍କୁ କ୍ଷମା କରାଯିବ* (ଲୂକ ୬:୩୭) ।

*ତୁମ୍ଭେମାନେ ଆପଣା ଆପଣା ବିଷୟରେ ସାବଧାନ ହୋଇଥାଅ। ଯଦି ତୁମ୍ଭ ଭାଇ ପାପ କରେ, ତେବେ ତାହାକୁ ଅନୁଯୋଗ କର; ଆଉ, ସେ ଯଦି ମନ ପରିବର୍ତ୍ତନ କରେ, ତେବେ ତାହାକୁ କ୍ଷମା ଦିଅ* (ଲୂକ ୧୭:୩)।

*ସେତେବେଳେ ଯୀଶୁ କହିଲେ, ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ। ଆଉ, ସେମାନେ ତାହାଙ୍କ ବସ୍ତ୍ରସବୁ ଭାଗ କରିବା ନିମନ୍ତେ ଗୁଲିବାଣ୍ଟ କଲେ* (ଲୂକ ୨୩:୩୪)।

Free Digital Copy From Servelow

*ବତ୍ସଗଣ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି, କାରଣ ତାହାଙ୍କ ନାମ ସକାଶେ ତୁମ୍ଭମାନଙ୍କର ପାପ କ୍ଷମା ହୋଇଅଛି* (୧ ଯୋହନ ୨:୧୨)।

*ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ; ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ* (ପ୍ରେରିତ ୨:୩୮)।

*ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ, ଏହା ସମସ୍ତ ଭାବବାଦୀ ତାହାଙ୍କ ବିଷୟରେ ସାକ୍ଷ୍ୟ ଦିଅନ୍ତି* (ପ୍ରେରିତ୧୦:୪୩)।

*ତାହାଙ୍କ ଅନୁଗ୍ରହରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍, ଅପରାଧସବୁରୁ କ୍ଷମା ପ୍ରାପ୍ତ ହୋଇଅଛୁ* (ଏଫିସୀୟ ୧:୭)।

*ପରସ୍ପର ପ୍ରତି ସହନଶୀଳ ହୁଅ, ଆଉ ଯଦି କାହାରି କାହାରି ବିରୁଦ୍ଧରେ କୌଣସି କଥା ଥାଏ, ତେବେ ଏକକୁଆରେକ କ୍ଷମା କର; ପ୍ରଭୁ ଯେପରି ତୁମ୍ଭମାନଙ୍କୁ କ୍ଷମା କରିଅଛନ୍ତି, ତୁମ୍ଭେମାନେ ମଧ୍ୟ ସେହିପରି କର* (କଲସୀୟ ୩:୧୩)।

*କାରଣ ଆମ୍ଭେ ସେମାନଙ୍କର ଅଧର୍ମ ପ୍ରତି ସଦୟ ହେବା, ପୁଣି, ସେମାନଙ୍କର ପାପସବୁ ଆଉ ସ୍ମରଣରେ ଆଣିବା ନାହିଁ* (ଏବ୍ରୀ ୮:୧୨)।

*ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି* (୧ ଯୋହନ ୧:୯)।

## କ୍ଷମା କରିବା କଷ୍ଟକର ହୋଇପାରେ

ଖ୍ରୀଷ୍ଟିୟାନମାନଙ୍କ ପାଇଁ କ୍ଷମା ବିଷୟରେ ପ୍ରଶ୍ନ ହେବା ଅସ୍ୱାଭାବିକ ନୁହେଁ । ଏପରିକି ଶିଷ୍ୟମାନେ ଯୀଶୁଙ୍କୁ ପଚାରିଥିଲେ, *ହେ ପ୍ରଭୁ, କେତେ ଥର ଆମ୍ଭର ଭାଇ ଆମ ବିରୁଦ୍ଧରେ ପାପ କଲେ ଆମେ କ୍ଷମା କରିବା ?*

କ୍ଷମା ଆମ ମଧ୍ୟରୁ ଅଧିକାଂଶଙ୍କ ପାଇଁ ସହଜରେ ଆସି ନ ଥାଏ । ଆମର ସ୍ୱାଭାବିକ ପ୍ରବୃତ୍ତି ହେଉଛି ଆମେ ଆହତ ହେବା ପରେ ଆତ୍ମ ସୁରକ୍ଷାକୁ ପ୍ରତ୍ୟାହାର କରିବା । ଯେତେବେଳେ ଆମ ସହ ଅନ୍ୟାୟ ହୋଇଛି ସେତେବେଳେ ଆମେ ସ୍ୱାଭାବିକ ଭାବରେ କ୍ଷମା କରି ନ ଥାଉ ।

Free Digital Copy From ServeHow

## ଅନୁତାପ, ଭଗ୍ନତା ଏବଂ କ୍ଷମା  ବିଷୟରେ ଆପଣ ଜାଣିବାକୁ ଆବଶ୍ୟକ କରୁଥିବା ମୌଳିକ ବିଷୟ ଗୁଡ଼ିକ

ବହୁ ବର୍ଷ ପୂର୍ବେ, ନେଦରଲାଣ୍ଡର ଜଣେ ମହିଳାଙ୍କୁ ଜାଣିବାର ସୌଭାଗ୍ୟ ପାଇଥିଲି - ମୁଁ ତାଙ୍କ ଅନେକ ପୁସ୍ତକର ସ୍ୱିଡେନ ପ୍ରକାଶକ ଥିଲି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କୁ ଜର୍ମାନୀମାନେ ଧରି ଏକ ବନ୍ଦୀ ଶିବିରରେ ରଖିଥିଲେ। ତାଙ୍କର ଅପରାଧ ଥିଲା ଯେ ସେ ତାଙ୍କ ଘରେ ଯିହୁଦୀ ଲୋକଙ୍କୁ ଲୁଚାଇ ରଖିଥିଲେ ଯାହାଦ୍ୱାରା ସେମାନଙ୍କୁ ଜର୍ମାନୀର ବାହ୍ୟ ଶିବିରକୁ ପଠାଯିବ ନାହିଁ । ତାଙ୍କ ନାଁ ଥିଲା କୋରି।

ସେହି ଧ୍ୱାନ ଶିବିରରେ ହିଁ କୋରିଙ୍କ ଭଉଣୀ ବେଟ୍ସି ଏବଂ ବାପାଙ୍କର ମୃତ୍ୟୁ ଘଟିଥିଲା।  ଶିବିର ରକ୍ଷକଙ୍କ ସମ୍ମୁଖରେ ଅନ୍ୟ ଅନେକ ପୁରୁଷ କଏଦୀଙ୍କ ସହ ଉଲଗ୍ନ ହୋଇ ବୁଲିବାକୁ ତାଙ୍କୁ ବାଧ୍ୟ କରାଯାଇଥିଲା । ଯୁଦ୍ଧର ସମାପ୍ତି ପରେ ଯେତେବେଳେ ତାଙ୍କୁ ମୁକ୍ତ କରାଗଲା, ସେତେବେଳେ ସେ ନିଷ୍ପତ୍ତି ନେଇଥିଲେ ଯେ ଯେଉଁମାନେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଆଘାତ ଦେଇଛନ୍ତି ସେମାନଙ୍କୁ ସାଧାରଣତଃ କ୍ଷମା କରିଦେବେ । କିଛି ବର୍ଷ ପରେ ଦିନେ ଜର୍ମାନୀର ଏକ ଉପାସନାଳୟରେ କ୍ଷମା ଉପରେ ସନ୍ଦେଶ ଦେଉଥିବା ବେଳେ କ୍ଷମା କରିବା ତାଙ୍କ ନିମନ୍ତେ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା । ସେ ଏହିପରି କାହାଣୀ କହିଥିଲେ:

"ମ୍ୟୁନିକ୍ ର  ଏକ ଉପାସନାରେ ମୁଁ ତାଙ୍କୁ ଦେଖିଥିଲି, ପୂର୍ବତନ ଜେଲ୍ ରକ୍ଷକ , ଯିଏ କି ରାଭେନ୍ସବ୍ରୁକ୍ ବନ୍ଦୀଗୃହରେ ଥିବା ରେକର୍ଡ ଯାଞ୍ଚ କେନ୍ଦ୍ରର ଶାୱାର ରୁମ୍ ଦ୍ୱାର ସମ୍ମୁଖରେ ରକ୍ଷୀ ଭାବେ ଛିଡା ହୋଇଥିଲେ। ସେ ଆମର ପ୍ରକୃତ ଜେଲରମାନଙ୍କ ମଧ୍ୟରୁ ପ୍ରଥମ ଥିଲେ ଯାହା ମୁଁ ସେହି ସମୟରୁ ଦେଖିଥିଲି ।

କ୍ଷମା ବିଷୟରେ କହିବା ପାଇଁ ମୁଁ ଜର୍ମାନୀରେ ଥିଲି । ଏହା ସତ୍ୟ ଯେ, ସେମାନେ ସେହି ତିକ୍ତ, ବୋମାମାଡ଼ ହୋଇଥିବା ଭୂମିରେ ସବୁଠାରୁ ଅଧିକ ଶୁଣିବାକୁ ଚାହୁଁଥିଲେ, ଏବଂ ମୁଁ ସେମାନଙ୍କୁ ମୋର ପ୍ରିୟ ମାନସିକ ଚିତ୍ର ପ୍ରଦାନ କରିଥିଲି । ବୋଧହୁଏ ସମୁଦ୍ର କୂଳରେ ବଢିଥିବା ମୋ' ଭଳି ବ୍ୟକ୍ତିଙ୍କ ମନରୁ ସମୁଦ୍ର କେବେ ବି ଦୂରରେ ନାହିଁ, ମୁଁ ଭାବିବାକୁ ପସନ୍ଦ କଲି ଯେ ସେହି ସ୍ଥାନ ଯେଉଁଠାରେ କ୍ଷମା କରାଯାଇଥିବା ପାପ ଫିଙ୍ଗି ଦିଆଯାଇଥିଲା । ମୁଁ କହିଲି, "ଯେତେବେଳେ ଆମେ ଆମର ପାପ ସ୍ୱୀକାର କରୁ, ପରମେଶ୍ୱର ସେମାନଙ୍କୁ ସବୁଦିନ ପାଇଁ ଚାଲିଯିବାକୁ ଅଗାଧ ସମୁଦ୍ରରେ ଫିଙ୍ଗି ଦିଅନ୍ତି ।"

ତା'ପରେ ମୁଁ ତାଙ୍କୁ ଦେଖିଲି, ସେବା ଶେଷ ହୋଇଯାଇଥିବାରୁ କୋଠା ମଧ୍ୟରୁ ବାହାରୁଥିବା ଲୋକମାନେ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରୁଛନ୍ତି। ଗୋଟିଏ ମୁହୂର୍ତ୍ତରେ ମୁଁ ଓଭରକୋଟ୍ ଏବଂ ବାଦାମୀ ଟୋପି ଦେଖିଲି; ପରବର୍ତ୍ତୀ ସମୟରେ, ଏକ ନୀଳ ୟୁନିଫର୍ମ ଏବଂ ଏକ ଟୋପି ଜଳଦସ୍ୟୁ । ସେ ପୁଣିଥରେ ତରବରିଆ

Free Digital Copy From Servelow

ଭାବରେ ଫେରିଆସିଲେ : ବିଶାଳ କୋଠରୀ ଯାହାର କଠୋର ଓଭରହେଡ୍ ଲାଇଟ୍ ଥିଲା; ଚଟାଣ ମଝିରେ ପୋଷାକ ଏବଂ ଜୋତାର ସ୍ତୁପ ; ଏହି ବ୍ୟକ୍ତିଙ୍କ ସାମ୍ନାରେ ଉଲଗ୍ନ ହୋଇ ଚାଲିବାର ଲଜ୍ଜା । ମୁଁ ମୋ' ସାମ୍ନାରେ ମୋ ଭଉଣୀର ଦୁର୍ବଳ ରୂପ ଦେଖିପାରୁଥିଲି, ଚର୍ମ ଚର୍ମ ତଳେ ପାଂଜଳୀ ତୀକ୍ଷ୍ଣ ଥିଲା ।

ଏବେ ସେ ମୋ' ସାମ୍ନାରେ ଥିଲେ , ହାତ ଟେକି ଦେବାର ଦୃଶ୍ୟ: 'ଏକ ସୁନ୍ଦର ସନ୍ଦେଶ ! ଏହା ଜାଣି କେତେ ଭଲ ଲାଗୁଛି ଯେ, ଆପଣ କହୁଛନ୍ତି , ଆମର ସମସ୍ତ ପାପ ସମୁଦ୍ର ଗଭୀରକୁ ଚାଲି ଯାଇଛି !

ଏବଂ ମୁଁ, ଯିଏ କ୍ଷମା ବିଷୟରେ ଏତେ ଦୃଢ଼ ଭାବରେ କହିଥିଲି, ସେହି ହାତ କୁ ଧରିବା ପରିବର୍ତ୍ତେ ମୋ ହ୍ୟାଣ୍ଡବ୍ୟାଗ୍ ଧରି ଚିତ୍କାର କଲି । ଅବଶ୍ୟ ସେ ମୋତେ ମନେ ରଖି ନ ଥିବେ - ସେ ସେହି ହଜାର ହଜାର ମହିଳାଙ୍କ ମଧ୍ଯରୁ ଜଣେ କଏଦୀଙ୍କୁ କେମିତି ମନେ ରଖିଥିବେ?

କିନ୍ତୁ ମୁଁ ତାଙ୍କୁ ଏବଂ ତାଙ୍କ ବେଲ୍ଟ ରେ ଝୁଲୁଥିବା ଚମଡ଼ା ଚାବୁକକୁ ମନେ ପକାଇଲି ।  ମୁଁ ମୋର ଜଣେ ଅପହରଣକାରୀଙ୍କ ସହ ମୁହାଁମୁହିଁ ହୋଇଥିଲି ଏବଂ ମୋର ରକ୍ତ ଥମିଯାଇଥିବା ପରି ମନେ ହେଉଥିଲା ।

ସେ କହୁଥିଲେ,'ତୁମେ କ୍ରୁରତା କଥା ବିଷୟରେ ଉଲ୍ଲେଖ କରିଥିଲ , 'ମୁଁ ସେହି ବନ୍ଦୀ ଶିବିରରେ ଜଣେ ରକ୍ଷୀ ଥିଲି। ନା, ସେ ମୋତେ ମନେ ପକାଇ ନ ଥିଲେ ।

କିନ୍ତୁ ସେବେଠାରୁ ମୁଁ ଖ୍ରୀଷ୍ଟିଆନ ହୋଇଯାଇଥିଲି। ମୁଁ ଜାଣେ ଯେ ମୁଁ ସେଠାରେ କରିଥିବା ନିଷ୍ଠୁର କାର୍ଯ୍ୟ ପାଇଁ ଈଶ୍ୱର ମୋତେ କ୍ଷମା କରିଛନ୍ତି, କିନ୍ତୁ ମୁଁ ଏହା ତୁମ ଓଠରୁ ମଧ୍ୟ ଶୁଣିବାକୁ ଚାହେଁ । ପୁଣି ହସ୍ତ ବାହାରି ଆସିଲା- 'ଆପଣ ମୋତେ କ୍ଷମା କରିବେ  କି?

ଏବଂ ମୁଁ ସେଠାରେ ଛିଡା ହେଲି – ମୁଁ, ଯାହାର ପାପ ବାରମ୍ବାର କ୍ଷମା କରାଯାଇଅଛି  - ଏବଂ କ୍ଷମା କରିପାରିଲି ନାହିଁ। ବେଟ୍ସି ସେହି ସ୍ଥାନରେ ମୃତ୍ୟୁବରଣ କରିସାରିଥିଲେ- କେବଳ କ୍ଷମା ମାଗିବା ଦ୍ୱାରା କ'ଣ ସେ ତାଙ୍କ ଭୟାନକ ଧୀର ମୃତ୍ୟୁକୁ ଏଡାଇ ପାରିଥାନ୍ତେ ?

ସେ ସେଠାରେ ଛିଡା ହୋଇ ରହିବାର ବେଶୀ ସମୟ  ହୋଇ ନ ଥିଲା  - ହାତ ଧରି ରଖିଥିଲେ - କିନ୍ତୁ ମୋତେ ଏହା ଘଣ୍ଟା ଘଣ୍ଟା ପରି  ମନେ ହେଉଥିଲା ଯେତେବେଳେ ମୁଁ ମୋର ସବୁଠାରୁ କଷ୍ଟକର ବିଷୟ ସହିତ ସଂଘର୍ଷ କରୁଥିଲି ।

Free Digital Copy From ServeHow

କାରଣ ମୋତେ ଏହା କରିବାକୁ ପଡିଲା-ମୁଁ ଏହା ଜାଣିଥିଲି । ପରମେଶ୍ୱର ଯେଉଁ ବାର୍ତ୍ତାକୁ କ୍ଷମା କରନ୍ତି ତାହାର ଏକ ପୂର୍ବ ସର୍ତ୍ତ ଅଛି: ଯେଉଁମାନେ ଆମକୁ ଆଘାତ କରନ୍ତି ସେମାନଙ୍କୁ ଆମେ କ୍ଷମା କରୁ। *କିନ୍ତୁ ଯଦି ତୁମ୍ଭେ ଅନ୍ୟମାନଙ୍କୁ କ୍ଷମା ନ କର, ତା'ହେଲେ ତୁମ୍ଭର ପିତା ମଧ୍ୟ ତୁମ୍ଭମାନଙ୍କର ପାପ କ୍ଷମା କରିବେ ନାହିଁ।*

ମୁଁ ଏହାକୁ କେବଳ ଈଶ୍ୱରଙ୍କ ଆଦେଶ ଭାବରେ ନୁହେଁ, ବରଂ ଏକ ଦୈନନ୍ଦିନ ଅନୁଭୂତି ଭାବରେ ଜାଣିଥିଲି । ଯୁଦ୍ଧ ଶେଷ ହେବା ପରଠାରୁ ହଲାଣ୍ଡରେ ନାଜି ନିର୍ଯାତନାର ଶିକାର ହୋଇଥିବା ଲୋକଙ୍କ ପାଇଁ ମୋର ଏକ ବାସଗୃହ ଥିଲା । ଶାରୀରିକ କ୍ଷତ ଯାହା ବି ହୋଇ ଥାଉ  ନା କାହିଁକି, ଯେଉଁମାନେ ନିଜ ପୂର୍ବ ଶତ୍ରୁ ମାନଙ୍କୁ କ୍ଷମା କରିବାରେ ସକ୍ଷମ ହୋଇଥିଲେ ସେମାନେ ମଧ୍ୟ ବାହ୍ୟ ଜଗତକୁ ଫେରିବାକୁ ପୁଣି  ନିଜ ଜୀବନକୁ ପୁନଃନିର୍ମାଣ କରିବାରେ ସକ୍ଷମ ହୋଇଥିଲେ । ଯେଉଁମାନେ ନିଜର ତିକ୍ତତା ଜାହିର କରିଥିଲେ ସେମାନେ ଅକର୍ମଣ୍ୟ  ହୋଇ ରହିଥିଲେ। ଏହା ସେତିକି ସରଳ ଓ ଭୟଙ୍କର ଥିଲା।

ତଥାପି ମୁଁ ମୋ ହୃଦୟକୁ ଥଣ୍ଡା କରି ସେଠାରେ ଠିଆ ହେଲି । କିନ୍ତୁ କ୍ଷମା ଏକ ଭାବନା ନୁହେଁ - ମୁଁ ମଧ୍ୟ ଏହା ଜାଣିଥିଲି | କ୍ଷମା ହେଉଛି ଇଚ୍ଛାର ଏକ କାର୍ଯ୍ୟ, ଏବଂ ଇଚ୍ଛା ହୃଦୟର ତାପମାତ୍ରା ନିର୍ବିଶେଷରେ କାର୍ଯ୍ୟ କରିପାରେ | '... ସାହାଯ୍ୟ କର!' ମୁଁ ନୀରବରେ ପ୍ରାର୍ଥନା କଲି। 'ମୁଁ ମୋ ହସ୍ତ ଉତ୍ତୋଳନ କରିପାରିବି। ମୁଁ ଏତିକି କରିପାରିବି। ତୁମେ ଅନୁଭବ ଯୋଗାଇ ଦିଅ ।'

ଏବଂ ଏତେ ଭାବଶୂନ୍ୟ, ଯାନ୍ତ୍ରିକ ଭାବରେ, ମୁଁ ମୋ' ଆଡକୁ ପ୍ରସାରିତ ହୋଇଥିବା ହସ୍ତରେ ମୋର ହାତ ଥାପିଲି । ପୁଣି ଯେମିତି ମୁଁ କରିଥିଲି, ଏକ ଅବିଶ୍ୱସନୀୟ ଘଟଣା ଘଟିଲା ।  ବିଦ୍ୟୁତ ପ୍ରବାହ ମୋ' ସ୍କନ୍ଧ ଉପରେ ଆରମ୍ଭ ହେଲା, ମୋ ହାତକୁ ତଳକୁ ଠେଲି ଦେଲା, ଆମ ହାତରେ ପଶିଗଲା । ଆଉ ତା'ପରେ ଏହି ଆରୋଗ୍ୟତାର  ଉଷ୍ମତା ମୋ ଚକ୍ଷୁରେ ଲୁହ ଆଣି ମୋ ପୂରା ଅସ୍ତିତ୍ୱକୁ ଭରି ଦେଇଥିଲା ।

'ମୁଁ ତୁମକୁ କ୍ଷମା କରୁଛି ଭାଇ!' ମୁଁ କାନ୍ଦି ଉଠିଲି । 'ସମ୍ପୂର୍ଣ୍ଣ ହୃଦୟସହ!' ଦୀର୍ଘ ସମୟ ଧରି ଆମେ ପରସ୍ପରର ହାତ ଧରି ରହିଲୁ, ଜଣେ ପୂର୍ବତନ ରକ୍ଷୀ ଏବଂ ଜଣେ ପୂର୍ବତନ ବନ୍ଦୀ । ସେତେବେଳ ଯାଏ ପରମେଶ୍ୱରଙ୍କ ପ୍ରେମକୁ ମୁଁ ଏତେ ଗଭୀର ଭାବରେ ଜାଣି ନ ଥିଲି।

Free Digital Copy From ServeHow

## କ୍ଷମା ଏକ ସଚେତନ ବିକଳ୍ପ

କ୍ଷମା ହେଉଛି ଏକ ଚୟନ ଯାହା ଆମେ ଆମ ଇଚ୍ଛାର ନିଷ୍ପତ୍ତି ମାଧ୍ୟମରେ କରିଥାଉ, ଯାହା ଈଶ୍ୱର ଏବଂ କ୍ଷମା କରିବା ପାଇଁ ତାଙ୍କର ଆନୁଗତ୍ୟ ଦ୍ୱାରା ପ୍ରେରିତ ହୋଇଥାଏ ।

କଲସୀୟ ୩:୧୩ରେ  ଆମକୁ ଅନୁରୋଧ କରାଯାଏ, *ପରସ୍ପର ପ୍ରତି ସହନଶୀଳ ହୁଅ, ଆଉ ଯଦି କାହାରି କାହାରି ବିରୁଦ୍ଧରେ କୌଣସି କଥା ଥାଏ, ତେବେ ଏକକୁଆରେକ କ୍ଷମା କର ।*

## ଆମେ କିପରି ଜାଣିପାରିବା ଯେ ଆମେ ପ୍ରକୃତରେ କ୍ଷମା କରିଛୁ

ଯେତେବେଳେ ଆପଣ ଭୁଲ କରୁଥିବା ବ୍ୟକ୍ତିଙ୍କୁ ଭୁଲରୁ ମୁକ୍ତ କରନ୍ତି, ଆପଣ ଆପଣଙ୍କ ଆଭ୍ୟନ୍ତରୀଣ ଜୀବନରୁ ଏକ ମାରାତ୍ମକ ଟ୍ୟୁମରକୁ କାଟି ଦିଅନ୍ତି । ଆପଣ ଜଣେ କଏଦୀଙ୍କୁ ମୁକ୍ତ କରନ୍ତି, କିନ୍ତୁ ଆପଣ ଜାଣିବାକୁ ପାଇଲେ ଯେ ପ୍ରକୃତ କଏଦୀ ଜଣକ ନିଜେ ଥିଲେ । ଫଳସ୍ୱରୂପ ଆସିଥିବା ସ୍ୱାଧୀନତାକୁ ଆମେ ଗ୍ରହଣ କରିବା ପରେ କ୍ଷମା ସମ୍ପୂର୍ଣ୍ଣ ହୋଇଥାଏ ବୋଲି ଆମେ ଜାଣିବା । ଯେତେବେଳେ ଆମେ କ୍ଷମା ନ କରିବାକୁ ପସନ୍ଦ କରିଥାଉ ସେତେବେଳେ ଆମେ ହିଁ ସବୁଠାରୁ ଅଧିକ ଦୁଃଖ ଭୋଗିଥାଉ । ଯେତେବେଳେ ଆମେ କ୍ଷମା କରିଥାଉ, ସଦାପ୍ରଭୁ ଆମ୍ଭମାନଙ୍କ ହୃଦୟକୁ କ୍ରୋଧ, ଅସନ୍ତୋଷ, ତିକ୍ତତା ଏବଂ ଆଘାତରୁ ମୁକ୍ତ କରନ୍ତି ଯାହା ପୂର୍ବରୁ ଆମକୁ ବନ୍ଦୀ କରି ରଖିଥିଲା। କିନ୍ତୁ ଅଧିକାଂଶ ସମୟରେ କ୍ଷମା କରିବା ଏକ ଧୀର ପ୍ରକ୍ରିୟା।

*ସେତେବେଳେ ପିତର ତାହାଙ୍କ ପାଖକୁ ଆସି ପଚାରିଲେ, ହେ ପ୍ରଭୁ, କେତେ ଥର ମୋହର ଭାଇ ମୋ' ବିରୁଦ୍ଧରେ ପାପ କଲେ ମୁଁ କ୍ଷମା କରିବି?  କି ସାତ ଥର ପର୍ଯ୍ୟନ୍ତ?  ଯୀଶୁ ତାହାକୁ କହିଲେ, ତୁମ୍ଭକୁ କେବଳ ସାତ ଥର ପର୍ଯ୍ୟନ୍ତ କହୁନାହିଁ, ମାତ୍ର ସତୁରି ଗୁଣ ସାତ ଥର ପର୍ଯ୍ୟନ୍ତ* (ମାଥିଉ ୧୮:୨୧-୨୨)।

ଯୀଶୁଙ୍କ ଏହି ଉତ୍ତରରୁ ଏହା ସ୍ପଷ୍ଟ ହୁଏ ଯେ କ୍ଷମା ଆମ ପାଇଁ ସହଜ ନୁହେଁ । ଏହା ଏକକାଳୀନ ପସନ୍ଦ ନୁହେଁ ଏବଂ ତା'ପରେ ଆମେ ସ୍ୱୟଂକ୍ରିୟ ଭାବରେ କ୍ଷମା ଅବସ୍ଥାରେ ରହୁଛୁ । କ୍ଷମା ହୁଏତ ଆଜୀବନ କ୍ଷମା ପ୍ରାର୍ଥନା କରିପାରେ, କିନ୍ତୁ ଏହା ସଦାପ୍ରଭୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଆମ ହୃଦୟରେ ଏହି ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ ଆମକୁ କ୍ଷମା ଜାରି ରଖିବାକୁ ହେବ ।

Free Digital Copy From Servelow

## ଆମ କ୍ରୋଧର ମୁକାବିଲା କରିବା ଏବଂ ନ୍ୟାୟର ଆବଶ୍ୟକତା

ଯଦିଓ ପାପ ଓ ଅନ୍ୟାୟ ପ୍ରତି କ୍ରୋଧ ଅନୁଭବ କରିବା ଆମ ପାଇଁ ସ୍ୱାଭାବିକ ଅଟେ, ତଥାପି ଅନ୍ୟ ବ୍ୟକ୍ତିକୁ ତାଙ୍କ ପାପରେ ବିଚାର କରିବା ଆମର କାର୍ଯ୍ୟ  ନୁହେଁ । ଆମେ ଈଶ୍ୱରଙ୍କୁ ଅନ୍ୟାୟର ମୁକାବିଲା କରିବା ପାଇଁ ପ୍ରାର୍ଥନା କରିପାରିବା, ଈଶ୍ୱର ସେହି ବ୍ୟକ୍ତିର ଜୀବନକୁ ବିଚାର କରିବାକୁ  ଏବଂ ତା'ପରେ ଆମେ ସେହି ପ୍ରାର୍ଥନାକୁ ତାଙ୍କ ପାଦତଳେ ଛାଡିଦେବା ଉଚିତ୍ । ଆମକୁ ଆଉ କ୍ରୋଧ ବହନ କରିବାକୁ ପଡିବ ନାହିଁ । *ପୁଣି, ବିଚାର କର ନାହିଁ, ତାହାହେଲେ ତୁମ୍ଭେମାନେ ବିଚାରିତ ହେବ ନାହିଁ; ଦୋଷୀ କର ନାହିଁ, ତାହାହେଲେ ତୁମ୍ଭେମାନେ ଦୋଷୀକୃତ ହେବ ନାହିଁ। କ୍ଷମା କର, ତାହାହେଲେ ତୁମ୍ଭମାନଙ୍କୁ କ୍ଷମା କରାଯିବ* (ଲୂକ ୬:୩୭) ।

## ଆମେ କାହିଁକି କ୍ଷମା କରିବା ଉଚିତ୍

କ୍ଷମା କରିବାର ସର୍ବୋତ୍ତମ କାରଣ ହେଉଛି ଯୀଶୁ ଆମ୍ଭମାନଙ୍କୁ କ୍ଷମା କରିବାକୁ ଆଦେଶ ଦେଇଅଛନ୍ତି । ଶାସ୍ତ୍ରରୁ ଆମେ ଶିକ୍ଷା ଲାଭ କରୁ ଯେ ଯଦି ଆମେ କ୍ଷମା ନ କରୁ, ତେବେ ଆମେ ମଧ୍ୟ କ୍ଷମା ପ୍ରାପ୍ତ ହେବା ନାହିଁ ।

*କାରଣ ଯେବେ ଲୋକମାନଙ୍କର ଅପରାଧସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ;  କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନ କର, ତେବେ ତୁମ୍ଭମାନଙ୍କ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧସବୁ କ୍ଷମା କରିବେ ନାହିଁ* (ମାଥିଉ ୬:୧୪-୧୫)।

*ପୁଣି, ତୁମ୍ଭେମାନେ ଯେକୌଣସି ସମୟରେ ପ୍ରାର୍ଥନା କରିବାକୁ ଠିଆ ହୁଅ, ଯଦି କାହାରି ବିରୁଦ୍ଧରେ ତୁମ୍ଭମାନଙ୍କର କିଛି କଥା ଥାଏ, ତାହାହେଲେ କ୍ଷମା କର, ଯେପରି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ମଧ୍ୟ ତୁମ୍ଭମାନଙ୍କର ଅପରାଧସବୁ କ୍ଷମା କରିବେ* (ମାର୍କ ୧୧:୨୫)।

## କ୍ଷମା କରିବାର ନିଷ୍ପତ୍ତି ହୃଦୟରେ  ପରିବର୍ତ୍ତନ ଆଣିଥାଏ

ଈଶ୍ୱର ତାଙ୍କ କଥା ମାନିବା ପାଇଁ ଆମର ପ୍ରତିବଦ୍ଧତା ଏବଂ ଯେତେବେଳେ ଆମେ କ୍ଷମା କରିବାକୁ ବାଛିଥାଉ ସେତେବେଳେ ତାଙ୍କୁ ସନ୍ତୁଷ୍ଟ କରିବାର ଆମର ଇଚ୍ଛାକୁ ସମ୍ମାନ ଦିଅନ୍ତି । ସେ ନିଜ ସମୟରେ କାର୍ଯ୍ୟ ଶେଷ କରିଦିଅନ୍ତି। ଆମ ହୃଦୟରେ କ୍ଷମା (ସଦାପ୍ରଭୁଙ୍କ କାର୍ଯ୍ୟ) ନ ହେବା ପର୍ଯ୍ୟନ୍ତ ଆମେ ବିଶ୍ୱାସ (ଆମର କାର୍ଯ୍ୟ) ଦ୍ୱାରା କ୍ଷମା କରିବା ଜାରି ରଖିବା ଉଚିତ୍ ।

*କାରଣ ଯେ ତୁମ୍ଭମାନଙ୍କ ଅନ୍ତରରେ ଉତ୍ତମ କାର୍ଯ୍ୟ ଆରମ୍ଭ କରିଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁଙ୍କ ଦିନ ପର୍ଯ୍ୟନ୍ତ ତାହା ସାଧନ କରି ସିଦ୍ଧ କରିବେ, ଏହା ତ ମୁଁ ଦୃଢ଼ ରୂପେ ବିଶ୍ୱାସ କରେ* (ଫିଲିପ୍ପୀୟ ୧:୬) ।

Free Digital Copy From Servelow

## ନିଜକୁ କ୍ଷମା କରିବା ବିଷୟରେ ବାଇବଲ କ'ଣ କହେ

ବାଇବଲ କେବେ ବି "ନିଜକୁ କ୍ଷମା କରିବା" ର ଧାରଣା ବିଷୟରେ କହିନାହିଁ । ଏହା ବଦଳରେ ଯେତେବେଳେ ଅନ୍ୟମାନେ ଆମ ବିରୁଦ୍ଧରେ ପାପ କରନ୍ତି ଏବଂ କ୍ଷମା ମାଗିବେ ସେତେବେଳେ ସେମାନଙ୍କୁ କ୍ଷମା କରିବା ବିଷୟରେ କୁହାଯାଇଛି । ଯେତେବେଳେ ଆମେ ଖ୍ରୀଷ୍ଟଙ୍କ ଉପରେ ଆଧାରିତ ପରମେଶ୍ୱରଙ୍କ କ୍ଷମା ପ୍ରାର୍ଥନା କରୁ, ସେ ଆମ୍ଭମାନଙ୍କୁ କ୍ଷମା କରିଦିଅନ୍ତି। *ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି* (୧ ଯୋହନ ୧:୯)।

ଯଦିଓ ଆମେ ପାପର ବନ୍ଧନରୁ ମୁକ୍ତି ପାଇଥାଉ ତଥାପି ଆମେ ଅନେକ ସମୟରେ ଏଥିରେ ଛନ୍ଦି ହୋଇ ରହିବାକୁ ପସନ୍ଦ କରିଥାଉ ଏବଂ ଏପରି କାର୍ଯ୍ୟ କରିବାକୁ ପସନ୍ଦ କରିଥାଉ ସତେ ଯେପରି ଆମେ ଏଥିରୁ ମୁକ୍ତି ପାଇନାହୁଁ । ସେହିଭଳି, ଦୋଷୀ ମନୋଭାବ ସହ , ଆମେ ଖ୍ରୀଷ୍ଟଙ୍କ ଠାରେ ଆମକୁ କ୍ଷମା କରାଯାଇଛି ବୋଲି ସ୍ୱୀକାର କରିପାରିବା, କିନ୍ତୁ ତା'ପରେ ଶୟତାନର ମିଥ୍ୟାକୁ ବିଶ୍ୱାସ କରିପାରିବା ଯେ ଆମେ ଏବେ ବି ଦୋଷୀ ଅଟୁ  ଏବଂ ତେଣୁ ଦୋଷୀ ଅନୁଭବ କରିବା ଉଚିତ୍ ।

ବାଇବଲରେ କୁହାଯାଏ ଯେ, ଯେତେବେଳେ ପରମେଶ୍ୱର କ୍ଷମା କରନ୍ତି, *ସେମାନଙ୍କର ପାପ ସେ ଆଉ ସ୍ମରଣ କରନ୍ତି ନାହିଁ* (ଯିରିମୀୟ ୩୧:୩୪)।

ଯେହେତୁ ସେ ଆମ୍ଭମାନଙ୍କୁ କ୍ଷମା କରିଦିଅନ୍ତି ଏହାର ଅର୍ଥ ନୁହେଁ ଯେ ସର୍ବଜ୍ଞାନୀ ପରମେଶ୍ୱର ଭୁଲିଯାଆନ୍ତି । ବରଂ ସେ ନିଜକୁ ସ୍ମରଣ ନ କରିବାକୁ ବା ଆମର ପାପକୁ ଅନ୍ୟମାନଙ୍କ ନିକଟରେ ନ ପହଞ୍ଚାଇବାକୁ ପସନ୍ଦ କରନ୍ତି । ଯେତେବେଳେ ଆମର ପୂର୍ବ ପାପ ମନକୁ ଆସେ ସେତେବେଳେ ଆମେ ସେଗୁଡ଼ିକ ଉପରେ ବାସ କରିବାକୁ ପସନ୍ଦ କରିପାରିବା (ଦୋଷୀ ମନୋଭାବ ସହିତ), କିମ୍ବା ଆମେ ଆମ ମନକୁ ସେହି ଚମତ୍କାର ପରମେଶ୍ୱରଙ୍କ ଚିନ୍ତାଧାରାରେ ଭରି ଦେବାକୁ ଚୟନ କରିପାରିବା ଯିଏ ଆମକୁ କ୍ଷମା କରିଥିଲେ, ଏବଂ ତା'ପରେ ଏଥିପାଇଁ ତାଙ୍କୁ ଧନ୍ୟବାଦ ଏବଂ ପ୍ରଶଂସା କରିପାରିବା । *ଅବଶେଷରେ, ହେ ଭ୍ରାତୃଗଣ, ଯାହା ଯାହା ସତ୍ୟ, ଯାହା ଯାହା ଆଦରଣୀୟ, ଯାହା ଯାହା ଯଥାର୍ଥ, ଯାହା ଯାହା ବିଶୁଦ୍ଧ, ଯାହା ଯାହା ପ୍ରୀତିଭାଜନ,*

Free Digital Copy From ServeHow

*ଯାହା ଯାହା ସୁଖ୍ୟାତିଯୁକ୍ତ, ଯେକୌଣସି ସଦ୍ଗୁଣ ଓ ପ୍ରଶଂସାର ବିଷୟ ଥାଏ, ସେହି ସମସ୍ତ ବିଷୟ ଚିନ୍ତା କର* (ଫିଲିପ୍ପୀୟ ୪:୮)।

ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ "ନିଜକୁ କ୍ଷମା କରନ୍ତି ନାହିଁ" ଅର୍ଥାତ୍ ସେମାନେ ନିଜ ଅତୀତ ବାହାରେ ଯାଆନ୍ତି ନାହିଁ । ସେମାନେ ପ୍ରକୃତରେ ନିଜର ପୂର୍ବ ପାପକୁ ଭୁଲିବାକୁ ଚାହାଁନ୍ତି ନାହିଁ, ବରଂ ସେମାନଙ୍କୁ ନିଜ ମନରେ ପୁନଃଜୀବିତ କରି  ରୋମାଞ୍ଚିତ କରିବାକୁ ପସନ୍ଦ କରନ୍ତି ।  ଏହା ମଧ୍ୟ ପାପ ଏବଂ ଏହାକୁ ସ୍ୱୀକାର କରିବା ଏବଂ ତ୍ୟାଗ କରିବାକୁ ପଡିବ । ପ୍ରତିଥର ଯେତେବେଳେ ଆମେ ଆମ ପାପକୁ ପୁନର୍ଜୀବିତ କରିଥାଉ, ଆମେ ପୁଣି ଥରେ ସମାନ ପାପ କରିଥାଉ । ଯଦି ଜଣେ ଖ୍ରୀଷ୍ଟିୟାନ ଜୀବନରେ ଏହା ଘଟେ ତେବେ ପାପ/ଦୋଷ/ ପାପ/ଦୋଷର ଢାଞ୍ଚା ବିନାଶକାରୀ ଓ କେବେ ବି ଶେଷ ହୋଇ ପାରିବ ନାହିଁ ।

ଆମର ପାପ କ୍ଷମା ହୋଇଛି ବୋଲି ମନେ ରଖିବା ଦ୍ୱାରା ଅନ୍ୟମାନଙ୍କ ପାପକ୍ଷମା କରିବା ସହଜ ହେବା ଉଚିତ୍ । *ପାପୀମାନଙ୍କୁ ପରିତ୍ରାଣ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁ ଯେ ଜଗତରେ ଅବତୀର୍ଣ୍ଣ ହେଲେ, ଏହି ବାକ୍ୟ ବିଶ୍ୱାସ ଓ ସର୍ବତୋଭାବେ ଗ୍ରହଣଯୋଗ୍ୟ;  ସେହି ପାପୀମାନଙ୍କ ମଧ୍ୟରେ ମୁଁ ପ୍ରଧାନ*(୧ ତୀମଥି ୧:୧୫) । କ୍ଷମା ଆମକୁ ମହାନ ମୁକ୍ତିଦାତାଙ୍କ କଥା ସ୍ମରଣ କରାଇ ଦେବା ଉଚିତ ଯିଏ ଆମକୁ କ୍ଷମା ଏବଂ ତାହାଙ୍କ ପ୍ରତି ସ୍ନେହପୂର୍ଣ୍ଣ ଆନୁଗତ୍ୟ ରେ ଆମକୁ ନିକଟତର କରିଛନ୍ତି । *କାରଣ ଆମ୍ଭେମାନେ ଶତ୍ରୁ ଥିବା ସମୟରେ ଯଦି ଈଶ୍ୱରଙ୍କ ସହିତ ତାହାଙ୍କ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ମିଳିତ ହେଲୁ, ତାହାହେଲେ ଏହା ଅଧିକ ସୁନିଶ୍ଚିତ ଯେ, ଆମ୍ଭେମାନେ ମିଳିତ ହୋଇ ତାହାଙ୍କ ଜୀବନ ଦ୍ୱାରା ପରିତ୍ରାଣ ପାଇବା* (ରୋମୀୟ ୫:୧୦)।

ପରମେଶ୍ୱର ପାପକୁ ଆମର ମନକୁ ଆସିବାକୁ ଅନୁମତି ଦେଇ ପାରନ୍ତି । ଶୟତାନ ଏହାକୁ ଏକ ମନ୍ଦ ଉଦ୍ଦେଶ୍ୟ ରେ ଇଚ୍ଛା କରିପାରେ। କିନ୍ତୁ ପରମେଶ୍ୱର ଆମେ ତାଙ୍କ କ୍ଷମା ଗ୍ରହଣ କରୁ ଏବଂ ତାଙ୍କ କୃପାରେ ଆନନ୍ଦିତ ହେଉ ବୋଲି ଇଚ୍ଛା କରି ଏହାକୁ ଏକ ଭଲ ଉଦ୍ଦେଶ୍ୟ ପାଇଁ ଅନୁମତି ଦିଅନ୍ତି ।

ଯେତେବେଳେ ଆପଣ କିଛି ଲୋକଙ୍କୁ କ୍ଷମା କରିବାରେ କଷ୍ଟ ଅନୁଭବ କରୁଛନ୍ତି, ସେତେବେଳେ ଈଶ୍ୱର  ସେହି ଅପରାଧକୁ କିପରି ଉତ୍ତମତା ସକାଶେ ବ୍ୟବହାର କରନ୍ତି ତାହା ଧ୍ୟାନ ଦେବାକୁ ସମୟ ନିଅନ୍ତୁ । ଈଶ୍ୱରଙ୍କୁ ମହିମା କରିବାପାଇଁ ଏହା ଏକ ଅସାଧାରଣ ସୁଯୋଗ କି? ଆପଣ କିପରି ଅନ୍ୟମାନଙ୍କର ସେବା କରିପାରିବେ ଏବଂ ସେମାନଙ୍କୁ ସେମାନଙ୍କ ବିଶ୍ୱାସରେ ବୃଦ୍ଧି କରିବାରେ ସାହାଯ୍ୟ କରିପାରିବେ? ତୁମର କେଉଁ ପାପ ଓ ଦୁର୍ବଳତା ପଦାକୁ ଆସୁଛି? କେଉଁ ଚରିତ୍ର ଗୁଣ ପାଇଁ ଆପଣଙ୍କୁ ଆହ୍ୱାନ କରାଯାଉଛି? ଯେତେବେଳେ ଆପଣ ଅନୁଭବ କରନ୍ତି

Free Digital Copy From Servelow

ଯେ ଯିଏ ଆପଣଙ୍କ ପ୍ରତି ଅନ୍ୟାୟ କରିଛି, ତାକୁ ପରିପକ୍ୱ କରିବା, ଅନ୍ୟର ସେବା କରିବା ଏବଂ ମହିମା କରିବାରେ ସାହାଯ୍ୟ କରିବା ପାଇଁ ଈଶ୍ୱରଙ୍କ ହାତରେ ଏକ ଉପକରଣ ଭାବରେ ବ୍ୟବହୃତ ହେଉଛି, ସେତେବେଳେ ଆପଣଙ୍କ ପାଇଁ କ୍ଷମା ସହିତ ଆଗକୁ ବଢ଼ିବା ସହଜ ହୋଇପାରେ ।

ଆପଣଙ୍କ ମଧ୍ୟରେ କାର୍ଯ୍ୟ କରିବାର ଶୈଳୀ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ । ପାଉଲ କରିନ୍ଥୀୟ ମଣ୍ଡଳୀକୁ ଲେଖିଲେ, *ମନୁଷ୍ୟ ପ୍ରତି ଯେଉଁ ପ୍ରକାର ପରୀକ୍ଷା ସ୍ୱାଭାବିକ, ତାହା ଛଡ଼ା ଅନ୍ୟପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟି ନାହିଁ; କିନ୍ତୁ ଈଶ୍ୱର ବିଶ୍ୱାସ୍ୟ, ସେ ତୁମ୍ଭମାନଙ୍କୁ କୌଣସି ଅସହ୍ୟ ପରୀକ୍ଷାରେ ପରୀକ୍ଷିତ ହେବାକୁ ଦେବେ ନାହିଁ, ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରି ପାର, ଏଥିପାଇଁ ପରୀକ୍ଷା ଘଟିବା ସଙ୍ଗେ ସଙ୍ଗେ ସେ ଉଦ୍ଧାରର ପଥ ମଧ୍ୟ ପ୍ରସ୍ତୁତ କରିବେ* (୧କରିନ୍ଥୀୟ ୧୦:୧୩)।

ପାଉଲ ରୋମୀୟମାନଙ୍କୁ ମଧ୍ୟ ଲେଖିଲେ, *ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ* (ରୋମୀୟ ୮:୨୮)।

## ଅକ୍ଷମାରେ ବିଷ ଥାଏ

ଅନେକ ଲୋକ ଅନ୍ୟକୁ କ୍ଷମା ନ ଦେଇ ନିଜ ସ୍ୱାସ୍ଥ୍ୟ ଓ ଜୀବନକୁ ନଷ୍ଟ କରିଦିଅନ୍ତି । ଏହା ତିକ୍ତତା, କ୍ରୋଧ ଓ କ୍ଷମାହୀନତାର ବିଷ ଗିଳିବା ପରି । ଯୀଶୁ ଆମକୁ ଏହି କାହାଣୀ କୁହନ୍ତି: *ଅତଏବ, ସ୍ୱର୍ଗରାଜ୍ୟ ଆପଣା ଦାସମାନଙ୍କ ସହିତ ହିସାବ କରିବାକୁ ଇଚ୍ଛୁକ ଜଣେ ରାଜାଙ୍କ ସଦୃଶ। ସେ ହିସାବ ଆରମ୍ଭ କରନ୍ତେ, ତିନି କୋଟି ଟଙ୍କା ଋଣ କରିଥିବା ଜଣେ ଦାସ ତାହାଙ୍କ ଛାମୁକୁ ଅଣାଗଲା। କିନ୍ତୁ ତାହାର ପରିଶୋଧ କରିବାକୁ କିଛି ନ ଥିବାରୁ ତାହାର ପ୍ରଭୁ ତାହାକୁ ଏବଂ ତାହାର ସ୍ତ୍ରୀ, ପିଲାପିଲି ଓ ସର୍ବସ୍ୱ ବିକ୍ରୟ କରି ପରିଶୋଧ ନେବାକୁ ଆଜ୍ଞା ଦେଲେ।*

*ତେଣୁ ସେହି ଦାସ ତାଙ୍କୁ ଭୂମିଷ୍ଠ ପ୍ରଣାମ କରି କହିବାକୁ ଲାଗିଲା, ଆପଣ ମୋ' ବିଷୟରେ ଧୈର୍ଯ୍ୟ ଧରନ୍ତୁ, ମୁଁ ଆପଣଙ୍କୁ ସବୁ ପରିଶୋଧ କରିଦେବି। ସେଥିରେ ସେହି ଦାସର ପ୍ରଭୁ ସଦୟ ହୋଇ ତାହାକୁ ମୁକ୍ତ କରିଦେଲେ ଓ ତାହାର ଋଣ କ୍ଷମା କଲେ। କିନ୍ତୁ ସେହି ଦାସ ବାହାରିଯାଇ ତାହାଠାରୁ ପଚାଶ ଟଙ୍କା ଋଣ କରିଥିବା ଜଣେ ସହଦାସର ଦେଖା ପାଇ ତାହାକୁ ଧରି ତାହାର ଗଳା ଚିପି କହିବାକୁ ଲାଗିଲା, ତୁ ଯାହା ଧାରୁ, ଶୁଝିଦେ।*

Free Digital Copy From Servelow

*ତେଣୁ ତାହାର ସହଦାସ ଭୂମିଷ୍ଠ ହୋଇ ତାହାକୁ ବିନତି କରି କହିବାକୁ ଲାଗିଲା, ଆପଣ ମୋ' ବିଷୟରେ ଧୈର୍ଯ୍ୟଧରନ୍ତୁ, ମୁଁ ଆପଣଙ୍କୁ ପରିଶୋଧ କରିଦେବି। ମାତ୍ର ସେ ସମ୍ମତ ହେଲା ନାହିଁ, କିନ୍ତୁ ଯାଇ ଋଣ ପରିଶୋଧ ନ କରିବା ଯାଏ ତାହାକୁ କାରାଗାରରେ ପକାଇଦେଲା।*

*ତେଣୁ ତାହାର ସହଦାସମାନେ ଏହି ଘଟଣା ଦେଖି ଅତ୍ୟ; ଦୁଃଖିତ ହେଲେ ଓ ଯାଇ ସେମାନଙ୍କ ପ୍ରଭୁଙ୍କୁ ସମସ୍ତ ଘଟଣା ବର୍ଣ୍ଣନା କରି ଜଣାଇଲେ। ସେଥିରେ ତାହାର ପ୍ରଭୁ ତାହାକୁ ପାଖକୁ ଡକାଇ କହିଲେ, ରେ ଦୁଷ୍ଟ ଦାସ, ତୁ ମୋତେ ବିନତି କରିବାରୁ ମୁଁ ତୋର ସେହି ସମସ୍ତ ଋଣ କ୍ଷମା କଲି; ମୁଁ ଯେରୂପେ ତୋତେ ଦୟା କଲି, ସେରୂପେ ମଧ୍ୟ ଆପଣାର ସହଦାସକୁ ଦୟା କରିବା କି ତୋର କର୍ତ୍ତବ୍ୟ ନ ଥିଲା? ଆଉ, ତାହାର ପ୍ରଭୁ କ୍ରୁଦ୍ଧ ହୋଇ ସମସ୍ତ ଋଣ ପରିଶୋଧ ନ କରିବା ପର୍ଯ୍ୟନ୍ତ ତାହାକୁ ଯନ୍ତ୍ରଣା ଦେବା ଲୋକମାନଙ୍କ ହସ୍ତରେ ସମର୍ପଣ କଲେ।*

*ତୁମ୍ଭେମାନେ ପ୍ରତ୍ୟେକ ଜଣ ଯଦି ଅନ୍ତର ସହ ଆପଣା ଆପଣା ଭାଇକି କ୍ଷମା ନ କର, ତାହାହେଲେ ମୋହର ସ୍ୱର୍ଗସ୍ଥ ପିତା ହିଁ ତୁମ୍ଭମାନଙ୍କ ପ୍ରତି ସେହି ପ୍ରକାର କରିବେ* (ମାଥିଉ ୧୮:୨୩-୩୫ )।

## କ୍ଷମା କରିବା ଦ୍ୱାରା ଆମେ କାହାକୁ ସାହାଯ୍ୟ କରିଥାଉ

ଆପଣଙ୍କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତିଙ୍କୁ କ୍ଷମା କରିବା ସମୟରେ ଆପଣ କାହାକୁ ଅଧିକ ସାହାଯ୍ୟ କରନ୍ତି? ଆପଣ ଅନ୍ୟ ବ୍ୟକ୍ତିଙ୍କ ତୁଳନାରେ ନିଜକୁ ଅଧିକ ସାହାଯ୍ୟ କରନ୍ତି । ଯେଉଁମାନେ ଆମକୁ ଆଘାତ ଦେଇଛନ୍ତି ସେମାନଙ୍କୁ କ୍ଷମା କରିବା ଅନେକ ସମୟରେ କଷ୍ଟକର ମନେ ହୁଏ । ଆମେ ଏହା ମଧ୍ୟ ଭାବିପାରିବା ଯେ ଯେତେବେଳେ ଆମେ ଆଘାତ ପାଇଥାଉ ସେତେବେଳେ ସେମାନଙ୍କୁ କ୍ଷମା ମିଳିବା ଅନ୍ୟାୟ ଅଟେ । ଆମେ ଯନ୍ତ୍ରଣା ପାଇଲୁ, ଏବଂ ସେମାନେ କରିଥିବା ଯନ୍ତ୍ରଣାର ମୂଲ୍ୟ ନ ଦେଇ ସେମାନେ ସ୍ୱାଧୀନତା ପାଇଲେ। ତଥାପି, ଯେତେବେଳେ ଆମେ କ୍ଷମା କରିବାକୁ ପସନ୍ଦ କରୁ, ଆମେ ପ୍ରକୃତରେ ନିଜକୁ ସାହାଯ୍ୟ କରୁ ।

ଆମେ ଅନ୍ୟ ବ୍ୟକ୍ତିଙ୍କୁ ମୁକ୍ତ କରି ସାହାଯ୍ୟ କରୁ ଯାହା ଦ୍ୱାରା ଈଶ୍ୱର  ଯାହା କରିପାରିବେ ତାହା କେବଳ ସେ କରିପାରିବେ । ଯଦି ଆମେ ଏହି ପଥରେ ଅଛୁ, ପ୍ରତିଶୋଧ ନେବାକୁ ଚେଷ୍ଟା କରୁ  କିମ୍ବା ଈଶ୍ୱରଙ୍କ ଉପରେ ଭରସା କରିବା ଏବଂ ଆଜ୍ଞା ପାଳନ କରିବା ପରିବର୍ତ୍ତେ ପରିସ୍ଥିତିର ଯତ୍ନ ନେଉ, ତେବେ ସେହି

Free Digital Copy From Servelow

ବ୍ୟକ୍ତିଙ୍କ ସହିତ ମୁକାବିଲା କରିବା ପାଇଁ ତାଙ୍କର କୌଣସି ଅପାରଗତା ନାହିଁ । ଯେଉଁମାନେ ଆମକୁ କ୍ଷତି ପହଞ୍ଚାଇଛନ୍ତି, ଯଦି ଆମେ ସେମାନଙ୍କୁ କ୍ଷମା ମାଧ୍ୟମରେ ତାଙ୍କ ହାତରେ ରଖିବାକୁ ଇଚ୍ଛୁକ ହୁଅନ୍ତି, ତେବେ ଈଶ୍ୱର ସେମାନଙ୍କ ସହିତ ମୁକାବିଲା କରିବେ। କ୍ଷମା କରିବାର କାର୍ଯ୍ୟ ହେଉଛି ତାଙ୍କ ବାକ୍ୟ ପାଳନର ପ୍ରଥମ ପଦକ୍ଷେପ । ତା'ପରେ ସେ ଯେକୌଣସି ଉପାୟରେ ଆମକୁ ଆଶୀର୍ବାଦ ଆଣିବା ପାଇଁ ବିଶ୍ୱସ୍ତ ଅଟନ୍ତି ।

କ୍ଷମା ମଧ୍ୟ ଈଶ୍ୱରଙ୍କୁ ଆମ ଭିତରେ ତାଙ୍କର କାର୍ଯ୍ୟ କରିବା ପାଇଁ ମୁକ୍ତ କରେ । ଯେତେବେଳେ ଆମେ ଅକ୍ଷମତାର ବିଷରେ ପରିପୂର୍ଣ୍ଣ ନ ହୁଅନ୍ତି ସେତେବେଳେ ଆମେ ଅଧିକ ଖୁସି ରହିବା  ଏବଂ ଶାରୀରିକ ଭାବରେ ଭଲ ଅନୁଭବ କରିବା ।

ମାର୍କ ୧୧:୨୨-୨୬ରେ ଯୀଶୁ ଆମ୍ଭମାନଙ୍କୁ କୁହନ୍ତି ଯେ ଅକ୍ଷମତା ଆମର ବିଶ୍ୱାସକୁ କାର୍ଯ୍ୟ କରିବାରୁ ଦୂରେଇ ରଖିଥାଏ । *ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱରଙ୍କଠାରେ ବିଶ୍ୱାସ ରଖ। ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେକେହି ଏହି ପର୍ବତକୁ ତୁ ଉଠି ସମୁଦ୍ରରେ ଯାଇ ପଡ଼୍ ବୋଲି କହିବ, ଆଉ ଆପଣା ହୃଦୟରେ ସନ୍ଦେହ ନ କରି, ଯାହା କହୁଅଛି, ତାହା ଘଟିବ ବୋଲି ବିଶ୍ୱାସ କରିବ, ତା' ନିମନ୍ତେ ତାହା ଘଟିବ। ଅତଏବ, ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭେମାନେ ଯାହା ଯାହା ପ୍ରାର୍ଥନା କର ଓ ମାଗ,ସେସବୁ ପାଇଅଛ ବୋଲି ବିଶ୍ୱାସ କର, ସେଥିରେ ସେହିସବୁ ପାଇବ। ପୁଣି, ତୁମ୍ଭେମାନେ ଯେକୌଣସି ସମୟରେ ପ୍ରାର୍ଥନା କରିବାକୁ ଠିଆ ହୁଅ, ଯଦି କାହାରି ବିରୁଦ୍ଧରେ ତୁମ୍ଭମାନଙ୍କର କିଛି କଥା ଥାଏ, ତାହାହେଲେ କ୍ଷମା କର, ଯେପରି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ମଧ୍ୟ ତୁମ୍ଭମାନଙ୍କର ଅପରାଧସବୁ କ୍ଷମା କରିବେ। କିନ୍ତୁ ତୁମ୍ଭେମାନେ ଯେବେ କ୍ଷମା ନ କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧସବୁ କ୍ଷମା କରିବେ ନାହିଁ।*

ଯଦି ଆମେ ଲୋକମାନଙ୍କୁ କ୍ଷମା ନ କରୁ ତେବେ ପିତା *ଆମର* ପାପକୁ କ୍ଷମା କରିବେ ନାହିଁ । ଆମେ ଯାହା ବୁଣିଥାଉ ତାହା ଆମେ ଅମଳ କରିଥାଉ। ଯଦି ଆମେ ଦୟା ବୁଣିବା, ତେବେ ଆମେ ଦୟା ପାଇବା । ଯଦି ଆମେ ଦୟା ବୁଣିବା, ତେବେ ଆମେ ଦୟା ପ୍ରାପ୍ତ ହେବା ।

ଯେତେବେଳେ ଆପଣ କ୍ଷମା କରିବାକୁ ଇଚ୍ଛୁକ ହୁଅନ୍ତି, ସେତେବେଳେ ଈଶ୍ୱରଙ୍କ ସହିତ ଆପଣଙ୍କ  ମିଳନ ମୁକ୍ତ ଭାବରେ ପ୍ରବାହିତ ହୁଏ, କିନ୍ତୁ ଏହା ଅକ୍ଷମତା ଦ୍ୱାରା ଅବରୋଧ ହୋଇଯାଏ ।  କ୍ଷମା ମଧ୍ୟ ଶତ୍ରୁକୁ ଆମ ଉପରେ ଫାଇଦା ଦେବାକୁ ମନା କରିଦିଏ । ପାଉଲ ଏଫିସୀୟମାନଙ୍କୁ ଲେଖନ୍ତି: *କ୍ରୁଦ୍ଧ ହେଲେ ପାପ କର*

Free Digital Copy From Servelow

*ନାହିଁ; ସୂର୍ଯ୍ୟଅସ୍ତ ନ ହେଉଣୁ କ୍ରୋଧ ପରିତ୍ୟାଗ କର; ପୁଣି ଶୟତାନକୁ ସ୍ଥାନ ଦିଅ ନାହିଁ ।* ଆପଣଙ୍କୁ ଅତ୍ୟାଚାରି କରିବାରେ ଶୟତାନକୁ ସାହାଯ୍ୟ କରନ୍ତୁ  ନାହିଁ। କ୍ଷମା କରିବାରେ ତତ୍ପର  ହୁଅନ୍ତୁ।

ଜଣେ ବ୍ୟକ୍ତିଙ୍କୁ ଘୃଣା କରିବା କଷ୍ଟକର କିନ୍ତୁ ଅନ୍ୟ ଜଣଙ୍କୁ ପ୍ରେମ କରିବା ନୁହେଁ  । ଯେତେବେଳେ ଆମ ହୃଦୟ ଠିକ୍ ନ ଥାଏ ସେତେବେଳେ କାହାକୁ ଠିକ୍ ବ୍ୟବହାର କରିବା କଷ୍ଟକର । ଏପରିକି ଆମେ ଭଲ ପାଇବାକୁ ଚାହୁଁଥିବା ଲୋକମାନେ ମଧ୍ୟ ଆମର ତିକ୍ତତା, ଅସନ୍ତୋଷ ଏବଂ କ୍ଷମାହୀନତାର ଶିକାର ହୋଇପାରନ୍ତି ।

## ଉପସଂହାର

କ୍ଷମା ବିଷୟରେ ପଢିବା ସରିବା ପରେ ଏଠାରେ କିଛି ଠୋସ୍ ପଦକ୍ଷେପ ନେବାକୁ ପଡିବ ।  ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଆମକୁ ପରମେଶ୍ୱରଙ୍କ ବାକ୍ୟ ଅନୁସରଣ କରିବାକୁ ହେବ । ଏଠାରେ ଏହାର କିଛି ନିର୍ଦ୍ଦେଶନାମା ଦିଆଯାଇଛି ।

## ସଚେତନ ନିଷ୍ପତ୍ତି ନିଅନ୍ତୁ

ଯଦି ଆମେ ଏହା ଅନୁଭବ କରିବା ପର୍ଯ୍ୟନ୍ତ ଅପେକ୍ଷା କରିବା, ଆମେ କେବେ ବି କ୍ଷମା କରିପାରିବା ନାହିଁ ।  ଆମକୁ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବାକୁ ବାଛିବା ଏବଂ ଆମକୁ ତିକ୍ତ ଚିନ୍ତାଧାରାରେ ବିଷ ଦେବାର ପ୍ରୟାସରେ ଶୟତାନକୁ ଦୃଢ଼ ଭାବରେ ପ୍ରତିରୋଧ କରିବା ଆବଶ୍ୟକ । କ୍ଷମା କରିବା ପାଇଁ ଏକ ଗୁଣାତ୍ମକ ନିଷ୍ପତ୍ତି ନିଅନ୍ତୁ ଏବଂ ଈଶ୍ୱର  ଠିକ୍ ସମୟରେ ଆପଣଙ୍କ କ୍ଷତ ଭାବନାକୁ ଆରୋଗ୍ୟତା ପ୍ରଦାନ କରିବେ ।

*ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମା କର। ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ମନ୍ଦରୁ ରକ୍ଷା କର। [ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର। ଆମେନ୍ । କାରଣ ଯେବେ ଲୋକମାନଙ୍କର ଅପରାଧସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ* (ମାଥିଉ ୬:୧୨-୧୪)

## ପବିତ୍ର ଆତ୍ମାଙ୍କ  ଉପରେ ନିର୍ଭର କରନ୍ତୁ

ପବିତ୍ର ଆତ୍ମାଙ୍କ  ଶକ୍ତି ବିନା ଆମେ କ୍ଷମା କରିପାରିବା  ନାହିଁ। ଏହାକୁ ନିଜେ କରିବା ବହୁତ କଷ୍ଟକର । ଯଦି ଆମେ ପ୍ରକୃତରେ ଇଚ୍ଛୁକ ତେବେ ଈଶ୍ୱର ଆମକୁ ସକ୍ଷମ କରିବେ, କିନ୍ତୁ ଆମକୁ ନିଜକୁ ନମ୍ର କରିବାକୁ

Free Digital Copy From Servelow

ହେବ ଏବଂ ସାହାଯ୍ୟ ପାଇଁ ତାହଁକା ନିକଟରେ କ୍ରନ୍ଦନ କରିବାକୁ ପଡିବ ।  *ସେ ଏହା କହି ସେମାନଙ୍କ ଉପରେ ପ୍ରଶ୍ଵାସ ଛାଡ଼ି ସେମାନଙ୍କୁ କହିଲେ, ପବିତ୍ର ଆତ୍ମାଙ୍କୁ ଗ୍ରହଣ କର* (ଯୋହନ ୨୦:୨୨-୨୩)। ନିମ୍ନଲିଖିତ ଶବ୍ଦ ଗୁଡ଼ିକରେ ତାଙ୍କର ନିର୍ଦ୍ଦେଶ ଲୋକମାନଙ୍କୁ କ୍ଷମା କରିବା ବିଷୟରେ ଥିଲା । *ତୁମ୍ଭେମାନେ ଯଦି କାହାରି ପାପ କ୍ଷମା କରିବ, ତାହାର ପାପ କ୍ଷମା ହେବ; ପୁଣି, ଯଦି କାହାରି ପାପ କ୍ଷମା ନ କରିବ, ତାହାର ପାପ କ୍ଷମା ହେବ ନାହିଁ।*

ଦୟାକରି ପ୍ରାର୍ଥନା କରନ୍ତୁ ଯେପରି ପରମେଶ୍ଵର ଆପଣଙ୍କ ଉପରେ ପବିତ୍ର ଆତ୍ମାଙ୍କ ପ୍ରଶ୍ଵାସ ପ୍ରଦାନ କରିବେ, ଯାହାଦ୍ୱାରା ଆପଣ  ଦୁଃଖ ଦେଇଥିବା ଲୋକଙ୍କୁ କ୍ଷମା କରିପାରିବେ ।

## ପରମେଶ୍ଵରଙ୍କ ବାକ୍ୟ ପାଳନ କରନ୍ତୁ

ବାକ୍ୟ ଆମ୍ଭମାନଙ୍କୁ ଶତ୍ରୁମାନଙ୍କୁ କ୍ଷମା କରିବା ବିଷୟରେ ନିର୍ଦ୍ଦେଶ ଦିଏ।

*କିନ୍ତୁ ଶ୍ରବଣ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ମୁଁ କହୁଅଛି, ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର; ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର; ଯେଉଁମାନେ ତୁମ୍ଭମାନଙ୍କୁ ଅଭିଶାପ ଦିଅନ୍ତି, ସେମାନଙ୍କୁ ଆଶୀର୍ବାଦ କର; ଯେଉଁମାନେ ତୁମ୍ଭମାନଙ୍କୁ ଅପମାନ କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର* (ଲୂକ ୬:୨୭-୨୮)।

*ଆଶୀର୍ବାଦ କର, ଅଭିଶାପ ଦିଅ ନାହିଁ* (ରୋମୀୟ ୧୨:୧୪)। *ଆଶୀର୍ବାଦ* କରିବାର ଅର୍ଥ ହେଉଛି "ଭଲ ଭାବରେ କହିବା" ଏବଂ *ଅଭିଶାପ* ଦେବା ର ଅର୍ଥ ହେଉଛି "ମନ୍ଦ କଥା କହିବା" ।

ଯେଉଁ ବ୍ୟକ୍ତି ଆପଣଙ୍କୁ ବହୁତ ପୂର୍ବରୁ ଆଘାତ ଦେଇଥିଲା, ସେହି ବ୍ୟକ୍ତି ତଥା ଗତକାଲି ଆପଣଙ୍କ ଆଙ୍ଗୁଳିରେ ପାଦ ରଖିଥିବା ଅପରିଚିତ ବ୍ୟକ୍ତିଙ୍କୁ କ୍ଷମା କରନ୍ତୁ। ସେହି ଦୁଇ ଚରମ ସୀମାକୁ ନେଇ ସେମାନଙ୍କୁ କ୍ଷମା କରନ୍ତୁ, ଏହା ବ୍ୟତୀତ ସମସ୍ତଙ୍କ ବ୍ୟତୀତ। ଶୀଘ୍ର କ୍ଷମା କରନ୍ତୁ। ଆପଣ ଏହାକୁ ଯେତେ ଶୀଘ୍ର କରିବେ, ସେତେ ସହଜ ହେବ । ମୁକ୍ତ ଭାବରେ କ୍ଷମା କରନ୍ତୁ। ମାଥିଉ  ୧୦:୮ କହେ, *ତୁମ୍ଭେମାନେ ବିନାମୂଲ୍ୟରେ ପାଇଅଛ, ବିନାମୂଲ୍ୟରେ ଦାନ କର* । କ୍ଷମା ର ଅର୍ଥ ହେଉଛି "କୌଣସି ଦୋଷକୁ କ୍ଷମା କରିବା, ଦେୟରୁ ମୁକ୍ତ କରିବା, କ୍ଷମା ଦେବା, ପଠାଇବା, ବାତିଲ କରିବା ଏବଂ ନିଃସର୍ତ୍ତ ଭାବରେ ଅନୁଗ୍ରହ ପ୍ରଦାନ କରିବା।

## ଅନୁତାପ, ଭଗ୍ନତା ଏବଂ କ୍ଷମା  ବିଷୟରେ ଆପଣ ଜାଣିବାକୁ ଆବଶ୍ୟକ କରୁଥିବା ମୌଳିକ ବିଷୟ ଗୁଡିକ

Free Digital Copy From ServeNow

ଯଦି ଆପଣ ତାଙ୍କ ଉପରେ କ୍ରୋଧିତ ହୁଅନ୍ତି ତେବେ ଇଶ୍ୱରଙ୍କୁ କ୍ଷମା କରନ୍ତୁ କାରଣ ଆପଣଙ୍କ ଜୀବନ ଆପଣ ଭାବୁଥିବା ଭଳି ହୋଇପାରିଲା ନାହିଁ । ଇଶ୍ୱର ସର୍ବଦା ନ୍ୟାୟୀ ଅଟନ୍ତି । ଏମିତି କିଛି ବିଷୟ  ଥାଇପାରେ ଯାହା ଆପଣ  ବୁଝିପାରୁନାହାନ୍ତି , କିନ୍ତୁ ଇଶ୍ୱର ଆପଣଙ୍କୁ ପ୍ରେମ କରନ୍ତି । ଏହା ଏକ ଗମ୍ଭୀର ଭୁଲ ଅଟେ ଯେତେବେଳେ ଆପଣ ପ୍ରକୃତରେ ସାହାଯ୍ୟ କରିପାରୁଥିବା ଏକମାତ୍ର ବ୍ୟକ୍ତିଙ୍କଠାରୁ ସାହାଯ୍ୟ ପାଆନ୍ତି ନାହିଁ ।

ତିକ୍ତତା, ଅସନ୍ତୋଷ ଓ କ୍ଷମାହୀନତାରୁ ଆସୁଥିବା ସମସ୍ତ ବିଷରୁ ମୁକ୍ତି ପାଆନ୍ତୁ। ଏବଂ ମନେ ରଖନ୍ତୁ ହିତୋପଦେଶ  ୪:୨୩ : *"ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ; ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମେ ।* ତେଣୁ, କ୍ଷମା ପ୍ରାପ୍ତି ନିମନ୍ତେ ପରମେଶ୍ୱରଙ୍କ ବାକ୍ୟରୂପ  ଜଳରେ ଧୋଇ ଦିଅନ୍ତୁ  ଏବଂ ପରିଷ୍କାର ରୁହନ୍ତୁ ।

Free Digital Copy From Servelow

## ଅଧ୍ୟୟନ ଏବଂ ପ୍ରତିଫଳନ ନିମନ୍ତେ ପ୍ରଶ୍ନ ସମୂହ

- ମାଥିଉ ସୁସମାଚାର ପୁସ୍ତକରେ ଯୀଶୁଙ୍କର ସେବାକାର୍ଯ୍ୟର ପ୍ରଥମ ସମ୍ବାଦ କ'ଣ ଥିଲା?

- ଅନୁତାପ ଶବ୍ଦର ବାସ୍ତବ ଅର୍ଥ କ'ଣ?

- ଯଦି ଆମେ ଇଶ୍ୱରଙ୍କ ଉପଦେଶକୁ ଅନୁସରଣ କରିବା, ଫଳ କ'ଣ ହେବ?

- ଇଶ୍ୱରଙ୍କ ସଂମୁଖରେ ଭଗ୍ନ ହେବାର ଅର୍ଥ କ'ଣ?

- ଆପଣ କ'ଣ ଅନ୍ୟ କାହାକୁ କିଅବା ନିଜକୁ କ୍ଷମା ଦେବାରେ ସିଦ୍ଧାନ୍ତ ନେଇ ପାରିବେ?

- ଏକ କ୍ଷମାର ଜୀବନଯାପନ ନିମନ୍ତେ ଆମେ କାହାଉପରେ ନିର୍ଭର କରିବା ଓ କେଉଁ ବିଷୟକୁ ମାନିବା ଆବଶ୍ୟକ?